ସକାଳ THE SAKALA



www.sakalaepaper.com

### ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ଆରମ୍ଭ

# ହରିଆଣାର ୨୭୬, ଓଡ଼ିଶା ଦଳର ୦/୫୨ ରନ୍

**ସମ୍ବଲପୁର, ୨୩।୧ (ସମିସ)**

ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସର୍ବଭାରତୀୟ ଅଣ୍ଡର-୨୩ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ହରିଆଣା ଦଳର ମୋଟ



୨୭୬ ରନ୍ ଜବାବରେ ଓଡ଼ିଶା ଦଳ ଅପରାଜିତ ୫୨ ରନ୍ କରିଛନ୍ତି। ସୂଚନାଯୋଗ୍ୟ ଯେ, ହରିଆଣା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ। ହରିଆଣା ଦଳର ରୋହନ ଦେଶୱାଲ ସର୍ବାଧିକ ୧୦୮ ରନ୍ କରିଥିବା ବେଳେ ବିବେକ କୁମାର ୫୫ ରନ୍ ହାସଲ କରିଥିଲେ। ଓଡ଼ିଶା ଦଳର ଆଶୁତୋଷ ମାରଣ୍ଡି ୧୨ ଓଭର୍‌ରେ ୬୯ ରନ୍ ଦେଇ ୫ଟି ୱିକେଟ୍ ହାସଲ କରିଥିଲେ। ଆଜିର ଖେଳ ଶେଷବେଳକୁ ଓଡ଼ିଶା ଦଳ ୫୨ ରନ୍ ହାସଲ କରିଥିବା ବେଳେ ଦିନେଶ କେ ମାଝି ଓ ଓମ୍ ମୁଣ୍ଡେ ଅପରାଜିତ ରହିଛନ୍ତି। ଆସନ୍ତା ୨୬ ତାରିଖ ଯାଏ ଖେଳ ହେବ। ସିକେ ନାଇଡୁ କପ୍ ଏଲାଇଟ୍ 'ବି' ଗ୍ରୁପ୍‌ରେ ଥିବା ଓଡ଼ିଶା ଓ ହରିଆଣା ଦଳ ଏଯାବତ୍ ୩ଟି ଲେଖାଏ ଲିଗ୍ ମ୍ୟାଚ୍ ଖେଳି ସାରିଛନ୍ତି। ଓଡ଼ିଶା ଦଳ ଗୋଟିଏରେ ବିଜୟୀ, ଗୋଟିଏରେ ପରାଜିତ ଏବଂ ଗୋଟିଏ ମ୍ୟାଚ୍ ଡ୍ର ହେବାସହ ୨୧ ପଏଣ୍ଟ ହାସଲ କରିଥିବାବେଳେ ହରିଆଣା ଦଳ ତିନୋଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇ ୧୪ ପଏଣ୍ଟରେ ରହିଛି।

ଶୁକ୍ରବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମରେ ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ସଦସ୍ୟଙ୍କ ଉପସ୍ଥିତିରେ ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଉଦ୍‌ଘାଟିତ ହୋଇଥିଲା। ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ, କାଉନସିଲ ସଭ୍ୟ ସୁବୋଧ କୁମାର ସାହୁ, ରତିକାନ୍ତ ମହାନ୍ତି, ବିଭୂତି ମିଶ୍ର, ପଦ୍ମ ନାୟକ, ଲକ୍ଷ୍ମୀ ମହାକୁଡ଼, ବିସିସିଆଇ ଅମ୍ପାୟାର ସୁବ୍ରତ କୁମାର ଦାସ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କ୍ରୀଡ଼ା ସମ୍ପାଦକ ବିକାଶ ମିଶ୍ର, ଏକ୍ ବରକତ୍‌ଉଲ୍ଲା, ଟୁକୁ ବାହାଦୂର ପ୍ରମୁଖ ଉପସ୍ଥିତ ଥିଲେ।

ହରିଆଣା ଦଳ କ୍ୟାପଟେନ୍ ଅର୍ଶ ରଙ୍ଗାଙ୍କ ନେତୃତ୍ୱରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନେଇଥିଲା। ମୋଟ ୭୦.୫ ଓଭରରେ ହରିଆଣା ଦଳ ୨୭୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ। ଓଡ଼ିଶା ଦଳ ପକ୍ଷରୁ ଆଶୁତୋଷ ମାରାଣ୍ଡି ୬୯ ରନ୍ ଦେଇ ୫ଟି ୱିକେଟ୍ ହାସଲ କରିଥିବାବେଳେ ଆଶୁତୋଷ ଛୁରିଆ ଓ ସାଇଦୀପ ମହାପାତ୍ର ଯଥାକ୍ରମେ ୪୨ ଓ ୩୯ ରନ୍ ଦେଇ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ରିତେଶ ପ୍ରିୟରଞ୍ଜନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ହରିଆଣା ଦଳର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟିଥିଲା। ମାତ୍ର ୧୪ ରନ୍‌ରେ ତିନୋଟି ୱିକେଟ୍ ପଡ଼ିଯାଇଥିଲା। ପ୍ରଥମ ୱିକେଟ୍ ୫.୧ ଓଭରରେ ପଡ଼ିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ୱିକେଟ୍ ୫.୩ ଓ ୫.୪ ଓଭରରେ ପଡ଼ିଯାଇଥିଲା। ଓପନର୍ ଭାବେ ମଇଦାନକୁ ଓହ୍ଲାଇଥିବା ରୋହନ ଦେଶୱାଲ ପ୍ରାୟ ୫୦ ଓଭର ପର୍ଯ୍ୟନ୍ତ କ୍ରିଜ୍‌ରେ ରହିଥିଲେ। ସେ ୧୫୮ଟି ବଲ୍‌ରେ ୧୫ଟି ଚୌକା ଓ ୨ଟି ଛକ୍କା ସହ ୧୦୮ ରନ୍ ହାସଲ କରି ସାଇଦୀପ ମହାପାତ୍ରଙ୍କ ବଲ୍‌ରେ ସୁଜଲ୍ ସିଂଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଦଳର ଅନ୍ୟତମ ଖେଳାଳି ବିବେକ କୁମାର ୫୬ଟି ବଲ୍‌ରେ ୮ଟି ଚୌକା ଓ ଗୋଟିଏ ଛକ୍କା ସହ ୫୫ ରନ୍ ହାସଲ କରି ରୀତେଶ ପ୍ରିୟରଞ୍ଜନଙ୍କ ବଲ୍‌ରେ ଆଶୁତୋଷ ଛୁରିଆ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ହରିଆଣା ଦଳର ଯଶ ଆଧାନା ଓ ଲକ୍ଷ୍ୟଦୀପ ଯାଦବ ଆଶୁତୋଷ ମାରଣ୍ଡିଙ୍କ ଘାତକ ବୋଲିଂର ଶିକାର ହୋଇ କୌଣସି ରନ୍ ନ କରି ପାଭିଲିଅନକୁ ଫେରି ଯାଇଥିଲେ।

ମ୍ୟାଚ୍‌ରେ ମ୍ୟାଚ୍ ରେଫରୀ ଅରିନ୍ଦମ ସରକାର, ଅମ୍ପାୟାର ଅଭିଷେକ ଗୁପ୍ତା ଓ ରାକେଶ କୁମାର ଏବଂ ବିରାଜ ଦାସ ଓ ସନ୍ଦିପ କୁମାର ଜି ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ।



ଆରଏସ୍ଏସ୍‌ର ଶତାବ୍ଦୀ ବର୍ଷ ଅବସରରେ ଆୟୋଜିତ ପଥ ସଞ୍ଚଳନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ମଶାଲ ଶୋଭାଯାତ୍ରା



**ସମ୍ବଲପୁର, ୨୩।୧ (ସମିସ) :** ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ହୀରାକୁଦରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସନ୍ଧ୍ୟାରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଦୁର୍ଗାମନ୍ଦିର ଛକରୁ ଆରମ୍ଭ ହୋଇ ଭିଏସଏସ କଲୋନୀ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ସେଠାରେ ବୀର ସୁରେନ୍ଦ୍ର ସାଏଙ୍କୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିବା ବେଳେ ସଂଗଠନର ଆବାହକ ସଞ୍ଜିତ ମହାନ୍ତି ସଭାପତିତ୍ୱ କରି ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶଭକ୍ତି, ସାହସ ଓ ତ୍ୟାଗମୟ ଜୀବନ ଆଦର୍ଶ ଭାବରେ ଗ୍ରହଣ କରିବା ସହ ଯୁବପିଢ଼ିଙ୍କୁ ଦେଶ, ସମାଜ ଓ ଲୋକତନ୍ତ୍ର ପ୍ରତି ଦାୟିତ୍ୱବୋଧ ରଖି ସକ୍ରିୟ ଭାବେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ମୁଖ୍ୟବକ୍ତା ଭାବରେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, ଶ୍ରମିକ ନେତା ଗୋକୁଳ ମେହେର, ହିଣ୍ଡାଲକୋ ଶ୍ରମିକ ସଂଗଠନ ସଭାପତି ମହମ୍ମଦ ମୃତୁଜା, ମହିଳା ସଭା ନେତ୍ରୀ ସିପ୍ରା ମହାନ୍ତି, ବରିଷ୍ଠ ସାମ୍ବାଦିକ ରାଜାରାମ ପାଢ଼ୀ, ଯୁବ ନେତା ମିଳନ ହୋତା, ମନୋଜ ମହାପାତ୍ର, ହୀରାଲାଲ ବେହେରା, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ ପ୍ରମୁଖ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଶିବୁ ସେଠ, ବିଷ୍ଣୁ ମହାନ୍ତି, ଉମାଶଙ୍କର ଗୌଡ଼, ଆଦିତ୍ୟ ପ୍ରଧାନ, ଅଜୟ ବାଘ, ଜୟନ୍ତ ପଟ୍ଟନାୟକ, ଧୀରେନ ଦେବତା, ଯାମିନୀ ବହିଦାର, କୈଳାସ ପ୍ରଧାନ, ଜଗା ସେଠୀ, ଭାସ୍କର ଦାସ, ବୁଟୁ ପଟ୍ଟନାୟକ, ଅଜୟ ମହାନ୍ତି, ନିଶିତ ଆକାଶ, ଧୀରଜ ଯାଦବ, ମିତାଲି ସାହୁ, ସୁବର୍ନା ନାୟକ, ଦୁଲାଲ ରାୟ, ଅଶୋକ ପଟେଲ, ଯୋଗୀନ୍ଦ୍ର ବେହେରା, ନାସିର ଖାନ, କାର୍ତ୍ତିକ କଲେତ, ହୃଦାନନ୍ଦ ପରିଜା, ମିଲୁ ଚରଣ ସାହୁ, ଜିକୁନ ପାତ୍ର, ସଞ୍ଜୀବ ପ୍ରଧାନ, ରୁପେଶ ନାୟକ, ଶେଖ ଚାନ୍ଦ ବାବୁ, ଦ୍ରୌପଦୀ ମେହେର, ପ୍ରଶାନ୍ତ ଥାପା, ଦିଲୀପ ଦାସ, ଫିରୋଜ ରାଜା, ଆର୍ଯ୍ୟନ ନାୟକ, ଅଭିନବ ଶୁକ୍ଲା, ଆର୍ଯ୍ୟନ ବହିଦାର, ପ୍ରିୟାଂଶୁ ପ୍ରଧାନ, ହର୍ଜିତ ସେନାପତି, ଅଙ୍କିତ କୌଶଳ, ଟିକନ ଶର୍ମା, ନିରାକାର ପ୍ରଧାନ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଠେଲକୋଲୋଇରେ କଲ୍ୟାଣ ମଣ୍ଡପ

**ସମ୍ବଲପୁର, ୨୩।୧ (ସମିସ) :** ଜେଏସ୍‌ଡବ୍ଲ୍ୟୁବିପିଏସ୍ଏଲ୍‌ର ସିଏସ୍ଆର୍ ଶାଖା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଆଜି ସମ୍ବଲପୁର ଜିଲ୍ଲାର ଠେଲକୋଲୋଇ




ପଞ୍ଚାୟତ ବ୍ରାହ୍ମଣପଡ଼ାରେ ନବନିର୍ମିତ କମ୍ୟୁନିଟି ସେଣ୍ଟର (କଲ୍ୟାଣ ମଣ୍ଡପ) ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୁଲିସ ମହାନିରୀକ୍ଷକ ହିମାଂଶୁ ଲାଲ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଜେଏସଡବ୍ଲୁ ବିପିଏସଏଲର ଉପାଧ୍ୟକ୍ଷ ଏବଂ ମାନବ ସମ୍ବଳ ମୁଖ୍ୟ ଜେ.ପି ସିଂହ, ଜେଏସଡବ୍ଲୁ ଫାଉଣ୍ଡେସନ (ସମ୍ବଲପୁର ଏବଂ ଝାରସୁଗୁଡ଼ା) ମୁଖ୍ୟ ରାମରାଜ କୁଶୱାହା, ମହାପ୍ରବନ୍ଧକ ପ୍ରକଳ୍ପ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ପରେ, ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଆନୁଷ୍ଠାନିକ ଭାବରେ ଶ୍ରୀ ରାଜ ନୂତନ ଭାବରେ ବିକଶିତ ସମ୍ପ୍ରଦାୟ ସୁବିଧାକୁ ଠେଲକୋଲୋଇ ପଞ୍ଚାୟତର ସରପଞ୍ଚ ଅବନ୍ତୀ ନାୟକଙ୍କୁ ଜନକଲ୍ୟାଣ ପାଇଁ ନିୟମିତ ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ସର୍ବୋତ୍ତମ ବ୍ୟବହାର ପାଇଁ ହସ୍ତାନ୍ତର କରିଥିଲେ। ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମୁଦାୟିକ ବିକାଶ ଏବଂ ଗୁଣାତ୍ମକ ସାମାଜିକ ଭିତ୍ତିଭୂମି ସୃଷ୍ଟି ଦିଗରେ ଜେଏସଡବ୍ଲୁ ଫାଉଣ୍ଡେସନର ନିରନ୍ତର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଏହି କେନ୍ଦ୍ରର ପ୍ରଭାବଶାଳୀ ବ୍ୟବହାର ସକାଶେ ସହାୟତା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## 'ସମ୍ବଲପୁରୀ ଧନୁଯାତ୍ରା' ପରେ ମହାନଦୀରେ ପାପ ଧୋଇଲେ କଂସ

**ସମ୍ବଲପୁର, ୨୩।୧ (ସମିସ):** ଗୁରୁବାର ସମ୍ବଲପୁରୀ ଭାଷାରେ ଚାଲିଥିବା 'ସମ୍ବଲପୁରୀ ଧନୁଯାତ୍ରା'ର ତୃତୀୟ ସଂସ୍କରଣରେ ମହାରାଜ କଂସଙ୍କ ଜୀବନର ଅନ୍ତ ସହିତ ଯାତ୍ରା ସମାପନ ହୋଇଛି। ପାଞ୍ଚ ଦିନ ଯାଏ ସମ୍ବଲପୁରରେ କଂସର ରାଜୁତି ଚାଲିଥିଲା। ଭଣଜା ଶ୍ରୀକୃଷ୍ଣଙ୍କ ଭୟରେ ସିଂହାସନରୁ ପଡ଼ି ମାମୁଁ ତ୍ରିପୁର ବିଜୟୀ କଂସଙ୍କ ମୃତ୍ୟୁ ହୋଇଯାଇଛି। ଆଜି ସକାଳୁ କଂସ ଭୂମିକାରେ ଅଭିନୟ କରିଥିବା ଫଣୀନ୍ଦ୍ର ପଣ୍ଡା,



କେଶୀ ଦାନବ ରାଜା ଭୂମିକାରେ ଅଭିନୟ କରିଥିବା ସୂର୍ଯ୍ୟ ପାଣିଗ୍ରାହୀ ଓ ଦୁର୍ମିଳ ରାକ୍ଷସ ଭୂମିକାରେ ଅଭିନୟ କରିଥିବା ଲଳିତ ବେବର୍ତ୍ତା ମହାନଦୀ (ଚିତ୍ରୋତ୍ପଳା)ରେ ବୁଡ଼ ପକେଇ ସୂର୍ଯ୍ୟ ଦେବଙ୍କୁ କ୍ଷମା ଭିକ୍ଷା କରିବା ସହ ମୁକ୍ତି ମାଗିଥିଲେ। ଏହାପରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ପୁଣି ଗୋପାଳଜୀ ମଠକୁ ଯାଇ ତିନି ଠାକୁର ଏବଂ ଭଗବାନ ବିଷ୍ଣୁଙ୍କୁ ପାପରୁ ମୁକ୍ତି ପାଇଁ ଅର୍ଦ୍ଦଳୀ କରିଥିଲେ। ଏହି ଅବସରରେ 'ସମ୍ବଲପୁରୀ ଧନୁଯାତ୍ରା'ର ନାଟ୍ୟକାର ନିର୍ଦ୍ଦେଶକ ବବଲୁ ବାଗ, ସାଂସ୍କୃତିକ ଯୁଗ୍ମ ସମ୍ପାଦକ ଯୋଗେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ









### ସମ୍ବଲପୁର ବିଜେଡି

**ସମ୍ବଲପୁର, ୨୩।୧(ସମିସ)**

ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ସକାଳ ୮ଟା ସମୟରେ ଇଂ ପୂଜାରୀଙ୍କ ସହ ଦଳୀୟ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ମାନେ ଏକ ବାଇକ୍ ରାଲି ଏବଂ ମଶାଲ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ। ତତ୍ପରେ ବିଜୁ ଜନତା ଦଳର ନେତୃମଣ୍ଡଳୀ ଓ କର୍ମକର୍ତ୍ତା ମାନେ ଜେଲଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଜେଲଛକରୁ ବାହାରି ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖିଣ୍ଡା ଅଭିମୁଖେ ଯାଇଥିଲେ। ଖିଣ୍ଡା ଛକ ଠାରେ ବହୁ ସଂଖ୍ୟାରେ ଦଳୀୟ ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀଙ୍କୁ ଇଂ. ପୂଜାରୀ ଉଦ୍‌ବୋଧନ ଦେଇଥିଲେ। ପୁଣି ସେଠାରୁ ସମସ୍ତେ ବାହାରି ଖିଣ୍ଡା ଗ୍ରାମ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠରେ ପହଞ୍ଚି ସେଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ବସନ୍ତ ମିଶ୍ର, ଏମ୍‌ଡି ସନାଉଲ୍ଲା, ବେଣୁଧର ଦାସ, ସତ୍ୟେନ୍ଦ୍ର ଦାସ, ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ଧର୍ମରାଜ୍ ମରେଇ, ସୁବାସ ଜେନା, ପ୍ରଦୋଷ ମହାନ୍ତି, ରୁଦ୍ର ଷଡ଼ଙ୍ଗୀ, ତପନ ମେହେର, ଭାବେଶ୍ ଚାନ୍ଦ, ଦେବାଶିଷ ପରିଡ଼ା, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରବୀନ୍ଦ୍ର ସିଂ, ପ୍ରହଲ୍ଲାଦ ଗୁରୁ, ରାଜେଶ ମିଶ୍ର, ଓଁକାର ପ୍ରସାଦ ନାୟକ, ସୁକେଶ ସିଂ, ସୁଧାଂଶୁ ପୂଜାରୀ, ବିକାଶ ଖେତି, ପ୍ରବୀଣ ସୂପକାର, ମାଖନୁ ମେହେର, ରାଜକିଶୋର ହରିପାଲ ଏବଂ ବିଜୁ ମହିଳା ଜନତା ଦଳର ସିପ୍ରା ମହାନ୍ତି, ଉଷା ପ୍ରଧାନ, ସଂଯୁକ୍ତା ମେହେର, ଲିଲିମା ମଲ୍ଲିକ, ନନ୍ଦିନୀ ପ୍ରଧାନ, ହସୀନା ବେଗମ, ଜସ୍ମିନ୍ ଖାନ, ପାର୍ବତୀ ସାହା, ସବାନା ବେଗମ, ନୂରି ନାର୍ଶିଦା ପ୍ରମୁଖ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ। ଖିଣ୍ଡାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ରେଢ଼ାଖୋଲ ବ୍ଲକ ସଭାପତି ଉଦିତ କୁମାର ତ୍ରିପାଠୀ, ମନୋଜ ପାଣ୍ଡେ, ବିଜୟ ଭୋଇ, ମୁକୁନ୍ଦ ବେହେରା, ଅଭିନ୍ନ ସେଠଙ୍କ ସମେତ ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

### ବୁର୍ଲା ଡିଏଭି

ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ୍ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷକ ସଞ୍ଜୟ ସାହୁ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦେଶମାତୃକାର ଦୁଇ ବରପୁତ୍ରଙ୍କୁ ଶ୍ରଦ୍ଧାପୁଷ୍ପ ଅର୍ପଣ କରିଥିଲେ। ସେ ନିଜ ବକ୍ତବ୍ୟରେ ଦେଶ ମାତୃକାର ସେବାରେ ଦୁଇ ବରପୁତ୍ରଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ସଙ୍ଗୀତ ଶିକ୍ଷକ ବିଶ୍ୱାସ ରାଉତ ଦେଶପ୍ରେମ ସଙ୍ଗୀତ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ମଧୁବାଳା ମଙ୍ଗରାଜ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରାମୀ ଜୀବନ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପଣ୍ଡା ବୀର ସୁରେନ୍ଦ୍ର ସାଏଙ୍କ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିକ୍ଷକ ବୀରେନ୍ଦ୍ର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ଜୟନ୍ତୀ ଆଚାର୍ଯ୍ୟ କବିତା ପାଠ କରିଥିଲେ। ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପ୍ୟାରେଡ କରିଥିଲେ। ମଞ୍ଚ ପରିଚଳନା ଓ ସଂଯୋଜନା ଦାୟିତ୍ୱ ଡକ୍ଟର ଅଭୟ କୁମାର ମିଶ୍ର ତୁଲାଇବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଏମ୍‌ୟୁ ଇତିହାସ ବିଭାଗ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ପାଳନ କରିବା ସହିତ ଜାତୀୟ ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଡଃ ପ୍ରଧାନ ତାଙ୍କ ଭାଷଣରେ ବୀର ସୁରେନ୍ଦ୍ର ସାଏଙ୍କ ଜୀବନର ଅନେକ ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ତାଙ୍କ ଉଲ୍ଲେଖନୀୟ ଭୂମିକାର ଅବତାରଣା କରିଥିଲେ। ସହକାରୀ ପ୍ରଫେସର ଡଃ ସସ୍ମିତାରାଣୀ ଶାସନୀ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅସାଧାରଣ ସାହସ ଏବଂ ନେତୃତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ରେଖାଙ୍କିତ କରିଥିଲେ ଯେ ଏପରି ଜୟନ୍ତୀ ପାଳନ ଯୁବ ପିଢ଼ି ମଧ୍ୟରେ ଦେଶପ୍ରେମ ଏବଂ ନାଗରିକ ଦାୟିତ୍ୱର ଏକ ଦୃଢ଼ ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରେ। ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ ମଲ୍ଲିକ ଜାତୀୟ ନେତାମାନଙ୍କୁ ସ୍ମରଣ କରିବାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସହକାରୀ ପ୍ରଫେସର ଅଞ୍ଜଳି ରାଣୀ ଏବଂ ଶଙ୍ଖନାଦ ଦେହୁରୀ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଗବେଷକ ଅଂଶଗ୍ରହଣ କରିଥିଲେ।

### ବୁର୍ଲା ଭିସୁଟ୍

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଆଜି ସୁବର୍ଣ୍ଣ ଜୟନ୍ତୀ ସେମିନାର ହଲ୍‌ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଭିସୁଟ୍ ମୁଖ୍ୟ ଫାଟକ ନିକଟରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ କୁଳପତି ପ୍ରଫେସର ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ ଓ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସଭାରେ କୁଳପତି ଓ କୁଳସଚିବ ତାଙ୍କ ବକ୍ତବ୍ୟରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଆଦର୍ଶ, ବଳିଦାନ ଏବଂ ଦେଶ ପାଇଁ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଛାତ୍ର ସମାଜ ସେହି ବରପୁତ୍ର ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ହରିଶ କୁମାର ସାହୁ, ଡିନ (ଫ୍ୟାକଲ୍ଟି ଆଣ୍ଡ ପ୍ଲାନିଂ)ଙ୍କ ସମେତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଶେଷରେ ଇନ୍‌ଷ୍ଟିଚ୍ୟୁଟ୍ ସେମିନାର, ପିଆଇସି ଡଃ ସସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ସମ୍ବଲପୁର ସଂଗ୍ରାମ ସମିତି

ଭାରତର ଅନ୍ୟତମ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ 'ସମ୍ବଲପୁର ସଂଗ୍ରାମ ସମିତ' ପକ୍ଷରୁ ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। 'ସମ୍ବଲପୁର ସଂଗ୍ରାମ ସମିତି'ର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ତଥା ବିଜୁ ଜନତା ଦଳ ସମ୍ବଲପୁରର ପୂର୍ବତନ ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ବରିଷ୍ଠ ନେତା ରଚିନ୍ଦ୍ର କୁଅଁର, ଅଶୋକ ମହାକୁର, ଦିଲୀପ ଦାଶ, ନାସିର ଖାଁ, ସୀତାକାନ୍ତ ପଣ୍ଡା, ମିତାଲି ସାହୁ, ସୁବର୍ଣ୍ଣା ନାୟକ, ଯୁବନେତା ଲିଙ୍ଗରାଜ ତ୍ରିପାଠୀ, ଯାମିନୀ ବହିଦାର, ଇଂ. ନିଶିଥ ଆକାଶ, ଇଂ. ଦୀନେଶ ସେଠ, ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର, ଆଇନଜୀବୀ ଦେଓନିଶ କୁଗୁନ, ଅଭିମନ୍ୟୁ ରାଉତଙ୍କ ସମେତ ଶତାଧିକ ସଦସ୍ୟ ସମ୍ବଲପୁର ଜେଲଛକ ଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ପୃଷ୍ଠପୋଷକ ଇଂ. ସିଦ୍ଧାର୍ଥ ଦାସ କହିଲେ ଯେ, ଆଜିର ସମୟରେ ଦେଶର ସ୍ୱାଧୀନତା, ବ୍ୟକ୍ତିର ସ୍ୱାଧୀନତା, ଦେଶର ସମ୍ବିଧାନ, ଦେଶର ଗଣତନ୍ତ୍ର କ୍ରମେ ଏକ ଅସମ୍ଭବ ପରିସ୍ଥିତିରେ ପହଞ୍ଚି ସାରିଲାଣି। ଦେଶର ସମସ୍ତ ସ୍ୱାଧୀନ ଚେତା, ସ୍ୱାଭିମାନୀ, ଦେଶପ୍ରେମୀ ଜନସାଧାରଣ ଦେଶ ପ୍ରତି ଦାୟିତ୍ୱବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ପୁନଶ୍ଚ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ଅନ୍ୟତମ ମହାନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୯ତମ ଜନ୍ମ ଜୟନ୍ତୀରେ ତାଙ୍କର ସେହି ଲେଲିହାନ ଆହ୍ୱାନ 'ତମେ ମତେ ରକ୍ତ ଦିଅ..ମୁଁ ତମକୁ ସ୍ୱାଧୀନତା ଦେବୀ' ଭଳି ଆଜିର ତାରିଖରେ ସମସ୍ତ ଯୁବ ପିଢ଼ି ଦେଶର ସ୍ୱାଧୀନତା, ସମ୍ବିଧାନ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ କିଛି ସମୟ ଓ ଉଦ୍ୟମ ପ୍ରଦାନ କରନ୍ତୁ ବୋଲି ଇଂ. ଦାସ ଅନୁରୋଧ କରିଥିଲେ।

### ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜ

ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ମିଳିତ ଭାବେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଆୟୋଜିତ ଜୟନ୍ତୀ ସଭାରେ ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ନେତାଜୀ ଓ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ବୀର ସୁରେନ୍ଦ୍ର ସାଏଙ୍କୁ ଜାତୀୟସ୍ତରରେ ଉଚିତ ସ୍ଥାନ ଦେବାକୁ ମତ ଦେଇଥିଲେ। ମୁଖ୍ୟଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଏହି ମହାମନିଷୀ ମାନଙ୍କ ଜୀବନାଦର୍ଶକୁ ପାଥେୟ କରି ଆଗାମୀ ପିଢ଼ି ଦେଶ ନିର୍ମାଣରେ ବ୍ରତୀ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁବେଦାର ମେଜର ଶିବ ନାରାୟଣ ବେହେରା ଓ ବରଗଡ଼ ଜିଲ୍ଲା ତାଳପଦର୍ ଗ୍ରାମର ସୁବେଦାର ମେଜର ନବୀନ ପ୍ରଧାନଙ୍କୁ ବୀରତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏମ୍.ଆର୍.କେ ରାଓ ଓ ଶିବଶଙ୍କର ଷଡ଼ଙ୍ଗୀ ମାନପତ୍ର ପାଠ କରିଥିଲେ। ଜାତୀୟ ରେକର୍ଡ କରିଥିବା ଆଦର୍ଶ ସିଂ, ଅକ୍ଷତା ସିଂ ଓ ଅନ୍ୱିକା ସିଂଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀକୁ ତାପସ ଦାସ, ପ୍ରମୋଦ ପଟ୍ଟନାୟକ ଓ ଶମ୍ଭୁ ଭୂଷଣ ସେନ ପରିଚାଳନା କରିଥିଲେ। ଶେଷରେ କମଳ ଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ସକାଳେ ଜେଲ୍ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲା ପ୍ରଶାସନ ଓ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହାସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ତଥା ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

### ସାଓଲିନ କୁମ୍ଫୁ ଉଷୁ ଆସୋସିଏସନ୍

ସାଓଲିନ କୁମ୍ଫୁ ଉଷୁ ଏସୋସିଏସନ୍‌ରେ ଆଜି ସରସ୍ୱତୀ ପୂଜା ସହିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସ ପାଳନ ସହିତ ଦଙ୍ଗଲ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କୁସ୍ତି ପ୍ରତିଯୋଗୀ ମାନଙ୍କୁ ମେଡାଲ ଓ ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆସୋସିଏସନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା କହିଥିଲେ ଯେ, କଠିନ ପରିଶ୍ରମ ଏବଂ ଧ୍ୟାନକେନ୍ଦ୍ରିତ ଭାବରେ ଅଭ୍ୟାସ କଲେ ଆମେ ସବୁ ସମୟରେ ସଫଳ ହୋଇପାରିବା। କାର୍ଯ୍ୟକ୍ରମକୁ ଗାୟତ୍ରୀ ମିଶ୍ର ଓ ସଞ୍ଜିବ ପଟ୍ଟନାୟକ ପରିଚାଳନା କରିଥିଲେ।

**ପାଞ୍ଚ ଦିନ ହେଲା ଦୁଇ ନଳକୂପ ଅଚଳ**

## ପିଇବା ପାଣି ପାଇଁ ଗୌଡ଼ପଡ଼ାବାସୀ ହନ୍ତସନ୍ତ



**ଜମନକିରା, ୨୩।୧(ସମିସ):** ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତ ପୁପୁଡ଼ା ଅଙ୍ଗନବାଡ଼ି ଗୌଡ଼ପଡ଼ାରେ ଥିବା ଦୁଇଟି ନଳ କୂପ ପାଞ୍ଚ ଦିନ ହେଲା ଖରାପ ହୋଇ ପଡ଼ିଛି। ପଡ଼ାର ୱାଡ଼ ମେମ୍ବର ପ୍ରଭାସିନୀ ଝାଙ୍କର ନିଜେ ସରପଞ୍ଚ ମାଧବୀ ଲତା ବରିହାଙ୍କୁ ଫୋନ କରି ଜଣାଇଥିଲେ। ହେଲେ ନଳକୂପ ମରାମତି କରାଯାଇ ନ ଥିବାରୁ ପଡ଼ାର ୫୦ ପରିବାର ଗ୍ରାମର ବିକାଶ ନାୟକଙ୍କ ଘରୁ ଗରା ବାଲଟି ଧରି ପାଣି ସଂଗ୍ରହ କରି ନେଉଛନ୍ତି। ପଞ୍ଚାୟତରେ ସବୁ ଥାଇ ଦୀପତଳ ଅନ୍ଧାର ଭଳି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନପଡ଼ିବା ପରିତାପର ବିଷୟ। ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ସରପଞ୍ଚଙ୍କୁ ଫୋନ ଜରିଆରେ ଯୋଗା ଯୋଗ କରି ଥିଲେ ବି ଫୋନ ଲାଗି ନ ଥିଲା।

## କନ୍ୟାରତ୍ନ ସୁରକ୍ଷା ପାଇଁ ପଦଯାତ୍ରା




**ପଦ୍ମପୁର, ୨୩।୧ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗାଁ ଚାରପାଲିରେ ଚାଲିଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର ପଞ୍ଚମ ଦିବସର ପ୍ରାରମ୍ଭରେ ପତାକା ଉତ୍ତୋଳନ, ଯୋଗାଭ୍ୟାସ ଏବଂ ଗ୍ରାମ୍ୟ ପରିସର ସଫେଇ କରାଯାଇଥିଲା। ଏହା ପରେ'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅଧୀନରେ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ବୁନି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।ପରବର୍ତ୍ତୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର ଓ ଡ. ତୁଷାରକାନ୍ତ ସାହୁ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯାଏ, ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ତିଗାଙ୍କ ସମେତ ସ୍ୱେଚ୍ଛାସେବୀ ଭାରତୀ ବେହେରା, ଇତିଶ୍ରୀ ସାହୁ, ସିଦ୍ଧି ସାହୁ, ଚୈତନ୍ୟ ପଣ୍ଡା ଓ ମୁକେଶ ଯାଦବ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ପତାକା ଅବତରଣ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଭୁବନେଶ୍ୱର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁପ୍ରିୟା ମାର୍ଗରେ ଜଗନ୍ନାଥ ମନ୍ଦିର ଭୂମିପୂଜା

**ବରଗଡ଼, ୨୩।୧(ସମିସ):** ସରସ୍ୱତୀ ପୂଜା ଅବସରରେ ବରଗଡ଼ ୱାର୍ଡ ନମ୍ବର ୧ରେ ଅବସ୍ଥିତ ସୁପ୍ରିୟା ମାର୍ଗ - ଦୀନବନ୍ଧୁନଗର ଠାରେ ଜଗନ୍ନାଥ ମନ୍ଦିର ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୂମି ଦାନ କରିଥିବା ବ୍ୟକ୍ତି ନିଜର ନାମକୁ ଗୋପନ ରଖିଥିବା ବେଳେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ମିଶ୍ର, କେଦାର ମିଶ୍ର, ବବିତା ପ୍ରଧାନ, ପଦ୍ମିନୀ ବେହେରା, ଲୁସି ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସଂଘମିତ୍ରା ପଟେଲ, ବିକାଶ ପାଣିଗ୍ରାହୀ, କୃଷ୍ଣ ପଟ୍ଟନାୟକ, ପ୍ରଦୀପ ସାହୁ, ମଣ୍ଟୁ ଗଡ଼ତିଆ, କିଶୋର ଦାଶ, ଲିଙ୍ଗରାଜ ଦାଶ, ପୂର୍ଣ୍ଣ ମହାପାତ୍ର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ଆଦି ସହଯୋଗ କରିଥିଲେ। କର୍ତ୍ତା ଭାବେ ସୌମ୍ୟରଞ୍ଜନ ଦେବତା ଓ ଦୀପଶିଖା ଧଳ କର୍ତ୍ତା- କର୍ତ୍ତ୍ରୀ ଭାବେ ପୂଜା କାର୍ଯ୍ୟ ସମାହିତ କରିଥିଲେ। ପଣ୍ଡିତ କୁଳମଣୀ ମହାପାତ୍ର ଓ ପଣ୍ଡିତ ଅସିନ ମହାପାତ୍ର ପୂଜା କାର୍ଯ୍ୟ ତୁଲାଇଥିଲେ।

## ଗୋବିନ୍ଦପୁର ପଞ୍ଚାୟତର ପ୍ରବେଶ ଦ୍ୱାର ଉଦ୍‌ଘାଟିତ



**ବରଗଡ଼, ୨୩।୧ (ସମିସ):** ଗୋବିନ୍ଦପୁର ଗାଁପଞ୍ଚାୟତର ନିର୍ମାଣାଧିନ ପ୍ରବେଶ ଦ୍ୱାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ସମ୍ମାନିତ ଅତିଥି ଗୋବିନ୍ଦପୁର ମାଟିର ଝିଅ ବର୍ତ୍ତମାନ ସେ ମହାରାଷ୍ଟ୍ର ୱାରଦା ବିନୋବା ଭାବେ ପବ୍ନାର ଆଶ୍ରମ ଗୀତାର ମିଶନର ଅଧ୍ୟକ୍ଷା ମୌଥିଲି ଦିଦି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜ୍ଞାନଚନ୍ଦ୍ର ବିଶ୍ୱାଲ ସମିତି ସଭ୍ୟ ଗୋବିନ୍ଦପୁର ଗାଁ ପଞ୍ଚାୟତ, ନାଏବ ସରପଞ୍ଚ ଲୋକେଶ୍ୱରୀ ସାହୁ, ପିଇଓ ବୁଦ୍ଧଦେବ ଝାନ୍ଟଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ବିକେ ଫିଡଟି ବାରିକ, ବ୍ୟାଙ୍କ ମିତ୍ରବବିତା ସାହୁ, ସି.ଆର୍.ପି ସୁ?ାସିନୀ ତାଣ୍ଡି, ପୁଷ୍ପାଞ୍ଜଳି ବନଛୋର, କୌଶଲ୍ୟା ସାହୁ, ମୌଥିଲି ହିଆଲ, ୱାର୍ଡ ମେମ୍ବର ଚନ୍ଦ୍ରଭାନୁ ହିଆଲ, ମଞ୍ଜୁଲତା ସାହୁ, ସନ୍ତୋଷିନୀକୁଅଁର, ଚିନ୍ତାମଣୀ ବାରିକ, କସ୍ତୁରୀ ଭୁଏ, ଲକ୍ଷ୍ମୀ ସାହୁ, ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳା, ଆନନ୍ଦ ସାହୁ, ନିତ୍ୟାନନ୍ଦ ନାଏକ, ଉସଦ ସା, ସସ୍ମିତା ବିଶି, ଲୋକନାଥ ଗୁଆଲ, ବଙ୍କିମ ସାହୁ, ଅଶୋକ ସାହୁ, ରୋହିତ ଭୋଇ, ଗୁରୁଦେବ ସାହୁ, ରାଜୀବକୁଅଁର, ମନବୋଧ ଭୋସାଗର, ଭାବେନ୍ଦ୍ର ବିଭାର, ଶିଶୁ ସାହୁ, ପୁରନ୍ଦର ଭୋସାଗରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

**ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖିଣ୍ଡାରେ ଜୟନ୍ତୀ ସଭା**

# ପ୍ରତ୍ୟେକ ଛାତ୍ରଛାତ୍ରୀ ଖିଣ୍ଡା ଆସି ବୀରତ୍ୱର ପ୍ରେରଣା ନେବା ଆବଶ୍ୟକ: ଧର୍ମେନ୍ଦ୍ର

**ସମ୍ବଲପୁର, ୨୩।୧(ସମିସ)**

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମମାଟି ଖିଣ୍ଡା କେବଳ ଏକ ଗ୍ରାମ ନୁହେଁ, ବରଂ ଏହା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର। ଏହାକୁ 'ପ୍ରେରଣାର କ୍ଷେତ୍ର' କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ବିଶେଷ ଭାବରେ ଏହି ମାଟିର ବୀରତ୍ୱ ଗାଥାକୁ

- ଜନ୍ମପୀଠରେ ବିଭିନ୍ନ ଜନହିତକର ପ୍ରକଳ୍ପ ଉତ୍ସର୍ଗୀକୃତ
- ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ
- ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଅନାବରଣ

ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଖିଣ୍ଡା ପରିଦର୍ଶନ କରାଇ ଏଠାକାର ସଂଘର୍ଷମୟ ଇତିହାସରୁ ପ୍ରେରଣା ନେବା ଏକାନ୍ତ ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଓଡ଼ିଆ ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ତମ ଜନ୍ମ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଖିଣ୍ଡାସ୍ଥିତ ତାଙ୍କ ଜନ୍ମପୀଠ ଗସ୍ତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ବୀର ସୁରେନ୍ଦ୍ର ସାଏଙ୍କ ଭବ୍ୟ ପ୍ରତିମୂର୍ତ୍ତିକୁ ଅନାବରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଖିଣ୍ଡା ଠାରେ ଆୟୋଜିତ ବିଶାଳ 'ତ୍ରିରଙ୍ଗା ପଦଯାତ୍ରା'ରେ ସାମିଲ ହୋଇଥିଲେ।ଗସ୍ତ କାଳରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଏବଂ ଶିକ୍ଷାର ବିକାଶ ପାଇଁ ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିଥିଲେ।






ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ 'ପରାକ୍ରମ ଦିବସ' ପାଳନ କରୁଛି। ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ।

ଖିଣ୍ଡାକୁ କେବଳ ଏକ ତୀର୍ଥ କ୍ଷେତ୍ର ନୁହେଁ, ବରଂ ଏକ 'ପ୍ରେରଣାର କ୍ଷେତ୍ର' ଭାବେ ଗଢ଼ି ତୋଳିବାକୁ ହେବ। ଏକ ଅତ୍ୟାଧୁନିକ ଇଣ୍ଟରପ୍ରିଟେସନ ସେଣ୍ଟର, ପୁରୁଣା ମନ୍ଦିରର ଜିର୍ଣ୍ଣୋଦ୍ଧାର ଏବଂ ଓପନ କମ୍ୟୁନିଟି ସେଣ୍ଟର ନିର୍ମାଣ ସମେତ ଆନୁସଙ୍ଗିକ କାର୍ଯ୍ୟର ଏହାର ସାମଗ୍ରିକ ରୂପରେଖ ବଦଳାଯିବ। ନଦୀ କୂଳର ବିକାଶ, ଗମନାଗମନ ସୁବିଧା ଏବଂ ପାନୀୟ ଜଳର ସୁବିଧା ସହ ଖିଣ୍ଡାରେ ୧ ଲକ୍ଷ ବୃକ୍ଷରୋପଣ କରାଯିବ। ଏଥିପାଇଁ ଆଗେଇ ଆସିବା ସହ ସମ୍ବଲପୁରର ପରିଚୟକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।ସମ୍ବଲପୁରରେ ଆୟୋଜିତ ହେବାକୁ ଥିବା ପୁସ୍ତକ ମେଳା ମଧ୍ୟ ଜ୍ଞାନ ଆହରଣର ଏକ ମାଧ୍ୟମ ହେବ ବୋଲି ସେ ସୂଚନା ଦେଇଛନ୍ତି। ବ୍ରିଟିଶ ଆଗରେ ମୁଣ୍ଡ ନନୁଆଁଇ ସଂଗ୍ରାମ କରିଥିବା ବୀର ସୁରେନ୍ଦ୍ର ସାଏ, ସୁରେନ୍ଦ୍ର ସାଏ, ଛବିଳ ସାଏ, ଉଦନ୍ତ ସାଏ ଏବଂ ସମ୍ବଲପୁରର ଅନ୍ୟାନ୍ୟ ବୀରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଖିଣ୍ଡାଠାରେ ଏକ ନବନିର୍ମିତ 'ପଞ୍ଚାୟତ ସ୍ୱାଗତ ତୋରଣ'କୁ ଉଦ୍‌ଘାଟନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ପାଇଁ ଏକ 'ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର'ର ନୂତନ ଭବନର ମଧ୍ୟ ଲୋକାର୍ପଣ କରିଥିଲେ। 'ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ' ଏବଂ 'ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ'ର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ପ୍ରଧାନ ନୂଆ ଖିଣ୍ଡାସ୍ଥିତ 'ଆଦର୍ଶ ଅଙ୍ଗନବାଡି କେନ୍ଦ୍ର'ର ନୂତନ ଗୃହ ଉଦ୍‌ଘାଟନ କରିବା ସହ ଶିଶୁମାନଙ୍କୁ ଫଳ ବିତରଣ କରିଥିଲେ।ସମ୍ବଲପୁର ଠେଲକୋଲୋଇ ପଞ୍ଚାୟତରେ ନବନିର୍ମିତ 'ଗୋଷ୍ଠୀ କେନ୍ଦ୍ର' କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଥିଲା। ଖିଣ୍ଡାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ମା' ସମଲେଶ୍ୱରୀ ମନ୍ଦିର ଦର୍ଶନ କରିବା ସହ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ। ଏଥିସହ ବୀର ସୁରେନ୍ଦ୍ର ସାଏଙ୍କ ଦାୟାଦଙ୍କୁ ଭେଟି ସେମାନଙ୍କର ଆଶୀର୍ବାଦ ନେଇଥିଲେ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପଞ୍ଚାୟତ ମହାବିଦ୍ୟାଳୟ ପରିଦର୍ଶନ

**ବରଗଡ଼, ୨୩।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଅନ୍ତର୍ଗତ ସମଲେଇପଦର ଗାଁରେ ମା' ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଥିଲେ। ଏହି ଅବସରରେ ସେ ବରଗଡ଼ ଜିଲ୍ଲାର ପଞ୍ଚାୟତ ମହାବିଦ୍ୟାଳୟକୁ ଗସ୍ତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍, ଆଲୁମିନି ସଂଘର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତିରବୀନ୍ଦ୍ର ପ୍ରଧାନ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ମହାବିଦ୍ୟାଳୟକୁ ପାଛୋଟି ନେଇଥିଲେ। ମହାବିଦ୍ୟାଳୟ ପରିସର ତପସ୍ୱିନୀ ଉଦ୍ୟାନରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଆମ୍ବ ଏବଂ ପିଜୁଳି ଚାରାରୋପଣ କରିଥିଲେ। ଏହାପରେ ମହାବିଦ୍ୟାଳୟରେ ସମସ୍ତ କର୍ମଚାରୀଙ୍କ ସହିତ ସାମୟିକ ଆଲୋଚନା କରିଥିଲେ। ଆଲୋଚନାରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ଡକ୍ଟର ମୁରଲୀ ମାଝୀ, ଆଲୁମିନି ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ସମେତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।ଶେଷରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

**ବରଗଡ଼, ୨୩।୧ (ସମିସ):** ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୁଭଦ୍ରା ଶକ୍ତି କେଫେକୁ ବିଶିଷ୍ଟ ସମାଜସେବୀ କଳ୍ପନା ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ମହିଳା ମାନେ ସ୍ୱାବଲମ୍ବି ହେବା ସହିତରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପାଇପାରିବେ।

## ସମାଜସେବୀ ସଂଘମିତ୍ରା ପଟେଲ ସମ୍ମାନିତ

**ବରଗଡ଼, ୨୩।୧ (ସମିସ):** ପାର୍ବତୀ ଗିରି ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ ବରଗଡ଼ ଆସି ପାର୍ବତୀ ଗିରିଙ୍କ ଜନ୍ମ ଶତାବ୍ଦୀ ଅବସରରେ ବରଗଡ଼ର ବିଶିଷ୍ଟ ସମାଜସେବୀ ସଂଗଠନ ସଂଘମିତ୍ରା ପରିବାରକୁ ପାର୍ବତୀ ଗିରି ସମ୍ମାନ ୨୦୨୬ ପ୍ରଦାନ କରିଥିଲେ। ଏଥିରେ ପଟେଲ ନିଜକୁ ଗର୍ବିତ ଅନୁଭବ କରି ଏହି ସମ୍ମାନ ଆମକୁ ଆହୁରି ଜନସେବା କରିବାକୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ। ସମ୍ମାନ ସମାରୋହର ସମାଜସେବୀ ଅନୁପମା ଭୋଇ ଉପସ୍ଥିତ ଥିଲେ।



## ଗ୍ରେଡ୍ ଗ୍ରୋ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା

**ବରଗଡ଼, ୨୩।୧(ସମିସ):** ଗ୍ରେଡ୍ ଗ୍ରୋ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ରର ସିକନ୍ଦର, ଏବଂ ସ୍ନେହଲତା ବାଗ୍ ଉପସ୍ଥିତରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କୁଇଜ୍ ପ୍ରତିଯୋଗିତାର ଜୁନିୟର ବର୍ଗରେ ଆସ୍ଥା ଭୋଇ ପ୍ରଥମ, ରିଶିକା ଗୁପ୍ତା ଦ୍ୱିତୀୟ ଏବଂରିତୁ ସେଠ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବର୍ଗରେ ଶୀତଳ ମିଶ୍ର ପ୍ରଥମ, ବିଶ୍ୱଜିତ ମହାରଣା ଦ୍ୱିତୀୟ ଏବଂ ସାଗୁନ୍ ଦୁର୍ଦାସ୍ ତୃତୀୟ ସ୍ଥାନ ଲାଭ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବର୍ଗରେରିଶିକା ଗୁପ୍ତା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆସ୍ଥା ଭୋଇ ଓ ଇତ୍ରା ସେଠ୍ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ ଏବଂ ରିତୁ ସେଠ୍ ତୃତୀୟ ସ୍ଥାନରେ ରହିଥିଲେ।ଶ୍ରେଣୀ ୫ମ ଓ ୬ଷ୍ଠ ବର୍ଗରେରିୟା ସେଠ୍ ପ୍ରଥମ, ସ୍ନେହା ନାଗ ଦ୍ୱିତୀୟ ଓରୋଣକ୍ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଶ୍ରେଣୀ ୭ମ ଓ ୮ମ ସିନିୟର ବର୍ଗରେ ରସ୍ମି ରଞ୍ଜନ ପୁରୋହିତ ପ୍ରଥମ, ମଣ୍ଟୁ ମେହେର ଦ୍ୱିତୀୟ ଏବଂ ଶୁଭମ୍‌ରାଣା ସହ ଶୀତଳ ମିଶ୍ର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଲାଭ କରିଥିଲେ। ସମସ୍ତ ବିଜେତାଙ୍କୁ ସରସ୍ୱତୀ ପୂଜାରେ ଅନୁସ୍ଥାନରେ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦହିତା ନେତାଜୀ କ୍ଲବ୍ ପକ୍ଷରୁ ଫ୍ରିଜର ଉଦ୍‌ଘାଟିତ

**ଦହିତା, ୨୩।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଦହିତାଗାଁର ଅଗ୍ରଣୀ ଅନୁଷ୍ଠାନ ନେତାଜୀ କ୍ଲବ୍ ପକ୍ଷରୁ ନେତାଜୀ ସୁଭାସ ବୋଷ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ସହିତ ପଥିକଙ୍କ ପିଇବା ପାଣି ପାଇଁ ଫ୍ରିଜର ଉଦ୍‌ଘାଟନ ସହ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରାରମ୍ଭରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ନେତାଜୀ କ୍ଲବ୍ ସଭାପତି ସରୋଜ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଲେଖକ ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଦସ୍ୟ ମକରଧ୍ୱଜ ବଗାର ବରେଣ୍ୟ ଅତିଥି ଭାବେ ଯୋଗଦେଇ କରି ପାନିୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସୂଚନା ଯୋଗ୍ୟ ଯେ ଏହି ଅଗ୍ରଣୀ ଅନୁଷ୍ଠାନ ବିଭିନ୍ନ ସମୟରେ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଆସୁଥିବା ବେଳେ ଚଳିତ ବର୍ଷ ପଥିକଙ୍କ ପାଇଁ ବିଶୁଦ୍ଧ ପାଇବା ପାଣି ବ୍ୟବସ୍ଥା, ଅସହାୟଙ୍କୁ କମ୍ବଳ ବଣ୍ଟନ ଭଳି ପଦକ୍ଷେପ ଗ୍ରହଣ କରି ପ୍ରଶଂସାର ପାତ୍ର ହୋଇଛନ୍ତି। କ୍ଲବ୍ ସମ୍ପାଦକ ଅନନ୍ତ ପାଣିଗ୍ରାହୀ, କିଶୋର ଭୋଇଙ୍କ ସମେତ କ୍ଲବ୍‌ର ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ପଣ୍ଡିତ ଗୁପ୍ତେଶ୍ୱର ଷଡ଼ଙ୍ଗୀଙ୍କ ପରଲୋକ

**ସମ୍ବଲପୁର, ୨୩।୧ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ ଘେନୁପାଲି ଗ୍ରାମପଞ୍ଚାୟତ ବଡସାହିର ଗ୍ରାମର ପଣ୍ଡିତ



ଗୁପ୍ତେଶ୍ୱର ଷଡ଼ଙ୍ଗୀ (୯୦) ଙ୍କ ଆଜି ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବରପାଇ ବହୁ ଜଣାଶୁଣା ବ୍ୟକ୍ତି ବାସଭବନରେ ତାଙ୍କ ଶେଷଦର୍ଶନ କରିଥିଲେ। ତାଙ୍କ ପଛରେ ପତ୍ନୀ କଇଁତା, ଚାରି ପୁଅ ଅଶୋକ, ଅକ୍ଷୟ, ଅନନ୍ତ ଓ ଅଶ୍ୱିନୀ, ଗୋଟିଏ ଝିଅ ପଙ୍କଜିନୀ, ବୋହୂ, ଜ୍ୱାଇଁ ଓ ନାତିନାତୁଣୀ ରହିଛନ୍ତି। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ। ପଣ୍ଡିତ ଗୁପ୍ତେଶ୍ୱର ଷଡଙ୍ଗୀଙ୍କ ବିୟୋଗରେ ଜ୍ଞାତି ପରିଜନ ଓ ବନ୍ଧୁସୋଦର ମହଲରେ ଶୋକର ଛାୟା ଖେଳିଯାଇଛି।

## ବିରଞ୍ଚି ନାରାୟଣ ବାରିକଙ୍କ ପରଲୋକ

**ଜମନକିରା, ୨୩।୧(ସମିସ):** ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଭାତପୁରା ହାଇସ୍କୁଲରେ



କାର୍ଯ୍ୟରତ ଖେଳ ଶିକ୍ଷକ ମାତାମହୁଲ ନିବାସୀ ପ୍ରଦୀପ୍ତ କୁମାର ବାରିକଙ୍କ ପିତା ବିରଞ୍ଚି ନାରାୟଣ ବାରିକ (୮୭) ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଏକାଧାରରେ ସମାଜସେବୀ, ସଂସ୍କାରକ ଓ ବଦାନ୍ୟ ପୁରୁଷ ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ହାଇସ୍କୁଲକୁ ଦେଢ଼ ଏକର ଜମି ଦାନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରି ପୁଅ, ବୋହୂ ତଥା ନାତି ନାତୁଣୀ ଉପସ୍ଥିତ ଥିଲେ। ଅଞ୍ଚଳ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ରମେଶ ଚନ୍ଦ୍ର ବାରିକ ମୁଖାଗ୍ନୀ ଦେଇଥିଲେ।

**ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

# 'ନେତାଜୀ ଓ ସୁରେନ୍ଦ୍ର ସାଏ ତ୍ୟାଗ, ବଳିଦାନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ'

**ସମ୍ବଲପୁର, ୨୩।୧(ସମିସ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ତଥା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ତଥା ମହାବିଦ୍ୟାଳୟର ବାର୍ଷିକୋତ୍ସବ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ପ୍ରଦୀପ ହରପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ ସମ୍ମାନୀୟ ଅତିଥି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ଲମ୍ବୋଦର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶ୍ୟାମ ଭୋଇ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧିକାରୀ ଡଃ ଆଦିତ୍ୟ ମେହେର ସ୍ୱାଗତ ଭାଷଣ ପ୍ରଦାନ କରି କଲେଜର ଶିକ୍ଷାତ୍ମକ ଉପଲବ୍ଧି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ନାଟ୍ୟ ସଂସଦର ଉପଦେଷ୍ଟା ଡଃ ରଘୁମଣି ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ।




ସମ୍ମାନିତ ଅତିଥି ଡ. ଚିତ୍ତରଞ୍ଜନ ସାହୁ ତାଙ୍କ ଉଦ୍‌ବୋଧନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଆତ୍ମ ବଳିଦାନ, ତ୍ୟାଗ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସ୍ମରଣ କରି ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ, ସାହସ ଓ ଦେଶପ୍ରେମର ମନୋଭାବ ଆପଣାଇବାକୁ ପ୍ରେରିତ କରିଥିଲେ। ମୁଖ୍ୟବକ୍ତା ଡ. ଲମ୍ବୋଦର ସାହୁ, ତାଙ୍କ ଭାଷଣରେ ନିଷ୍ଠା, ଗଭୀର ଜିଜ୍ଞାସା, ଜ୍ଞାନ ସନ୍ଧାନ, ସମୟନିଷ୍ଠା ଓ ଶିଷ୍ଟାଚାରକୁ ଛାତ୍ରଜୀବନର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱୟଂପ୍ରେରଣା, ନିଷ୍ଠା ଓ ଜୀବନରେ ଶ୍ରେଷ୍ଠତା ଅର୍ଜନ ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହାପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବକୁ ସହକାରୀ ପ୍ରଫେସର ରୋଜାଲି ସେଠ ସଂଯୋଜନା କରିଥିଲେ। ସାଂସ୍କୃତିକ ସଂସଦର ସହଯୋଗୀ ଉପଦେଷ୍ଟା ଅଧ୍ୟାପକ ସୁରେଶ ଏକ୍କା ମଞ୍ଚାସୀନ ଥିଲେ। ଶେଷରେ ସହକାରୀ ପ୍ରଫେସର ସନ୍ତୋଷ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଡଃ ରଘୁମଣି ନାଏକ ଏବଂ ଅଧ୍ୟାପକ ବୀରସେନ ଦଳାଇଙ୍କ ସଂଯୋଜନା ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୁସ୍ତକ 'ନିମଗ୍ନ ମନା' ଉନ୍ମୋଚିତ



**ନିଆରା ଢଙ୍ଗରେ ବିବାହ ବାର୍ଷିକୀ ପାଳନ**

**ବରଗଡ଼, ୨୩।୧(ସମିସ):** ବରଗଡ଼ ଗଣପତି ହୋଟେଲରେ ଏକ ନିଆରା କାର୍ଯ୍ୟକ୍ରମ ସରସ୍ୱତୀ ପୂଜା ଅବସରରେ ଦେଖିବାକୁ ମିଳିଥିଲା। ଦୁଇଜଣ ସାରସ୍ୱତ ସାଧକଙ୍କ ୨୫ତମ ବିବାହ ବାର୍ଷିକୀ ଥିଲା। ପଶ୍ଚିମ ଓଡ଼ିଶାର ଦୁଇଜଣ ଜଣାଶୁଣା ସାହିତ୍ୟିକ ଡକ୍ଟର ସୁଭେନ୍ଦୁ ଷଡଙ୍ଗୀ ଓ ଡକ୍ଟର ସଙ୍ଗୀତା ପଣ୍ଡା ଷଡଙ୍ଗୀଙ୍କ ବିବାହ ବାର୍ଷିକୀ ପାଇଁ ବିଭିନ୍ନ ବର୍ଗର ଲୋକେ ବିଶେଷକରି ସାହିତ୍ୟିକ ଗବେଷକ, ସାମାଜିକ କର୍ମୀରାଜନେତା, କଳାକାର କବି, ଗାଳ୍ପିକ ଆଇନଜୀବୀ ସାମ୍ବାଦିକ ଇତ୍ୟାଦି ଯୋଗଦେଇ ଉଭୟଙ୍କୁ ଶୁଭେଚ୍ଛା ଜଣାଉଥିଲେ ଉପହାର ଦେଉଥାନ୍ତି। ଯେହେତୁ ୨୫ବର୍ଷ ଦାମ୍ପତ୍ୟ ଜୀବନ ସଫଳତାର ସହିତ କାଟି ସାରିଛନ୍ତି ସେଥିପାଇଁ ଗୋଟିଏ ସ୍ୱତନ୍ତ୍ର କେକ କଟାଯାଇଥିଲା। ସ୍ୱତନ୍ତ୍ର କେକ୍ କହିବାର୍ ଅର୍ଥ ଜଗତର ନାଥ ଜଗନ୍ନାଥଙ୍କ ପ୍ରିୟଛେନାପୋଡକୁ କଟାଯାଇଥିଲା। ଆସିଥିବା ଅତିଥି ଭାବେ କିଏ କବିତା ପାଠ କରି ତ ଆଉ କିଏ ଗୀତ ଗାଇ ଶୁଭେଚ୍ଛା ଦେଉଥାନ୍ତି। ଏହି ସବୁ ଭିତରେ କିନ୍ତୁ ଗୋଟିଏ ପୁସ୍ତକ ଉନ୍ମୋଚନ ପର୍ବ ବିବାହ ବାର୍ଷିକୀ ସମାରୋହର ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଉକ୍ତ ପୁସ୍ତକର ନାଆଁ 'ନିମଗ୍ନ ମନା'ରଖାଯାଇଥିବା ବେଳେ ଉପସ୍ଥିତ ବୟୋଜ୍ୟେଷ୍ଠଙ୍କ ହାତରୁ ଉନ୍ମୋଚନ କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ଲକ୍ଷ୍ମୀ ପାଣିଗ୍ରାହୀ, ସମ୍ବଲପୁର ରେଡିଓ ଷ୍ଟେସନ ମୁଖ୍ୟ ଆଲୋକ ଚନ୍ଦ୍ର ବାରିକ, କଟକରେଡିଓ ଷ୍ଟେସନ ମୁଖ୍ୟ ସତ୍ୟ ନାରାୟଣ ପଟ୍ଟନାୟକ, ଦିବ୍ୟ କିଶୋର ଦେବତା, ପ୍ରଦୀପ ହୋତା, ଅରୁଣ ମହାନ୍ତି, ଜୟଶ୍ରୀ ସାହୁ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ସକାଳ THE SAKALA



# ବିଭିନ୍ନ ସ୍ଥାନରେ ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୟନ୍ତୀ





ଝାରସୁଗୁଡ଼ା,୨୩।୧(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ୍ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦର ପ୍ରବେଶ ପଥରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିମାନବନ୍ଦର ଭିତର ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ସେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମ୍ଏଫ୍ ପ୍ରେକ୍ଷାଳୟଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ ଏବଂ ବଳିଦାନ ଉପରେ ଆଲୋକପାତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗର୍ଡିଆ, ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସୌମେଶ ଆଚାର୍ଯ୍ୟ, ବିପିନ ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ର ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସୁଧୀର ନାୟକ, କୋଷାଧ୍ୟକ୍ଷ ଭବାନୀ କୁଅଁର, ସହସମ୍ପାଦକ ବିଜୟ ସାହୁ ଏବଂ ୧୯୯୬ /୧୯୯୭ ମସିହା ଠାରୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାହୋଇଥିଲା। ବିଦ୍ୟାଳୟର ବିଜୟ ସିଂ, ବସନ୍ତ ମହାପାତ୍ର, ଖରୋଦ ଜେନା, ବିଦ୍ୱତ ରାଉତ, ପୁଷ୍ପା ଜୟସୁଆଲ, ଦିଲୀପ ପଟ୍ଟନାୟକ, କିଶୋର ଭଇଷାଲ, ସୁପ୍ରିତୀ ବାଗ, ସ୍ନେହଲତା ଶରମ, କଲ୍ୟାଣୀ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ● ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ

ଝାରସୁଗୁଡ଼ା: ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବା ପରାକ୍ରମ ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିପାଇଁ ପ୍ରାତଃ ସଭାରେ ଅଧ୍ୟକ୍ଷ ହୋତାଙ୍କ ଦ୍ୱାରା ଦୁଇ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଧ୍ୟକ୍ଷ ହୋତା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ଉଭୟ ଦେଶସେବକଙ୍କ ଜୀବନୀକୁ ପଠନ ପୂର୍ବକ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ବିଦ୍ୟାଳୟର ଅର୍ଥନୀତି ବିଭାଗର ଶିକ୍ଷକ ଦେବାଶିଷ ବେହେରା ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ମହନୀୟ ଆଦର୍ଶର କାହାଣୀ ଉପସ୍ଥାପନା କରିଥିଲେ। ସଭାକାର୍ଯ୍ୟକୁ ଇଂରାଜୀ ବିଭାଗର ଶିକ୍ଷକ ଭଜମନ ଗଡ଼ତିଆ ପରିଚାଳନା କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ● ପଞ୍ଚପଡା ଶିଶୁବିକାଶ ବିଦ୍ୟାମନ୍ଦିର

ଝାରସୁଗୁଡ଼ା: ପଞ୍ଚପଡା ଶିଶୁବିକାଶ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ବିଦ୍ୟାଦାୟିନୀ ମାଁ ସରସ୍ୱତୀଙ୍କ ପୂଜନ ଉତ୍ସବ ପୁରୋହିତ ପଣ୍ଡିତ ଫକୀର ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୂଜାରେ ପଞ୍ଚମ ଶ୍ରେଣୀର ଶିଶୁ ଭାଇ ପ୍ରଜ୍ଞାନ ପରିଡା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟୁଷ ପଟେଲ, ପ୍ରିୟାଂଶୁ ଜେନା, ସାଇକ୍ରୀଷ୍ଣା ମାଝୀ ପୂଜାରେ ସହଯୋଗ କରିଥିଲେ। ଉତ୍ସବ ପରେ ଦେଶ ମାଟିର ଅମୃତ ସନ୍ତାନ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝୀ, ପ୍ରଧାନଆଚାର୍ଯ୍ୟା ମମତା ସିଂହ, ପ୍ରେମାନନ୍ଦ ପଟେଲ, ମୀରା ନଇ, ଆଲୋକ ସାବତ ପ୍ରମୁଖଙ୍କ ଉପସ୍ଥିତରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟଶଙ୍କର ପଟେଲ, ବିଦ୍ୟାଳୟ କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ, ସମାଜସେବୀ ଉଦିତ ପଣ୍ଡା, ରାମପ୍ରିତ ରାୟଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।



# ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କୁ ଭୁଲିଗଲା ଜିଲ୍ଲା ପ୍ରଶାସନ

ଦେବଗଡ଼,୨୩।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ଚଳିତ ବର୍ଷ ପାଳନ ହେଲା ନାହିଁ। ଅନ୍ୟ ବର୍ଷ ମାନଙ୍କରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଗତ ୧୮ ରୁ ୨୨ ପର୍ଯ୍ୟନ୍ତ ଦେବଗଡ଼ରେ ସଂସ୍କୃତି ବିଭାଗ ପକ୍ଷରୁ ୫ ଦିନ ଧରି ପ୍ରଧାନପାଟ ଉତ୍ସବ ପାଳିତ ହେଉଥିଲା। ପରେ ଆଜି ଛୁଟି ଦିବସ ଥିବାରୁ ଜିଲ୍ଲାରେ ଅନେକ ବିଭାଗର ଅଧିକାରୀ ଜିଲ୍ଲାରେ ଅନୁପସ୍ଥିତ ରହିଥିଲେ। ସାଂସ୍କୃତିକ ଉତ୍ସବରେ ନୃତ୍ୟ ସଂଗୀତର ଆସର ମଧ୍ୟରେ ୫ ସନ୍ଧ୍ୟାର ଆନନ୍ଦ ନେବା ପରେ ଆଜି ସ୍ୱାଧୀନତା ଦୁଇ ମହାନ ସଂଗ୍ରାମୀଙ୍କ ଜୟନ୍ତୀ ପାଳନକୁ ଗୁରୁତ୍ୱ ଦେଇ ନଥିଲେ। ତେବେ ଏ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଠାରୁ ସୂଚନା ଚାହିଁବାରୁ ସେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ମୋବାଇଲ ଫୋନ ନମ୍ବର ଦେଇଥିଲେ। ସେହିପରି ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇଙ୍କୁ ଫୋନ ଯୋଗେ ମତାମତ ନେବାରୁ ସେ ଭୁବନେଶ୍ୱରରେ ଏକ ଟ୍ରେନିଂରେ ଆସିଥିବା ଏବଂ ତାଙ୍କୁ ସଂସ୍କୃତି ବିଭାଗର ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇ ନ ଥିବା ନିଜ ସଫେଇ ଦେଇଥିଲେ। ଏହାସହ ତାଙ୍କୁ ଏ ସମ୍ପର୍କରେ ଫୋନ ଯୋଗେ ପଚାରିଥିବାରୁ ସେ ବିରକ୍ତି ଭାବ ପ୍ରକାଶ କରିଥିଲେ। ତେବେ ଏକ ନାଟ୍ୟାନୁଷ୍ଠାନ ପକ୍ଷରୁ ସଂସ୍କୃତି ଭବନ ଠାରେ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି ବୋଲି କହିଥିଲେ। ତେବେ ପୂଜ୍ୟପୂଜାଙ୍କୁ ସମ୍ମାନ ଦେବାରେ ଜିଲ୍ଲା ପ୍ରଶାସନର କେତେ ଆନ୍ତରିକତା ତାହା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ବିରକ୍ତି ଭାବରୁ ସ୍ପଷ୍ଟ ଅନୁମେୟ ହୋଇଛି।

# ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ନେଇ ତହସିଲ୍‌ଦାରଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୨୩।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ସ୍ଥିତ ହିର୍ମା ଠାରେ ଥିବା ଏସଏମସି ପାୱାର ଜେନେରେସନ ୟୁନିଟ-୧ ଦ୍ୱାରା ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ଓ ଦଖଲକୁ ନେଇ ଅଭିଯୋଗ ହୋଇଛି। ହିର୍ମା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀବାଦୀ ଏବଂ ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ମାଝୀ ଝାରସୁଗୁଡ଼ା ତହସିଲଦାରଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ହିର୍ମା ମୌଜାର ଖାତା ନମ୍ବର ୨୫୦, ପ୍ଲଟ ନମ୍ବର ୧୭୭୧, ୧୭୭୩, ଏରିଆ ୩୨ଏକର ୮୭ ଡେସିମିଲ, କିସମ-ଜଙ୍ଗଲ ଜମି ଉପରେ ଏସଏମସି ପାୱାର ୟୁନିଟ-୧ ବେଆଇନ ନିର୍ମାଣ ସହିତ ବେଆଇନ ଭାବେ ଉକ୍ତ ଜମିକୁ ବ୍ୟବହାର କରୁଛି। ବର୍ତ୍ତମାନ ଏସଏମସି ପାୱାର ୟୁନିଟ-୧କୁ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଅଧିଗ୍ରହଣ କରିଥିବା ମଧ୍ୟ ସୂଚନା ମିଳିଛି। ସେହି ଜମିକୁ କମ୍ପାନୀ କବଳରୁ ମୁକ୍ତ କରିବା ପାଇଁ ଏବଂ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଓପିଏଲଇ ଆଇନ ଏବଂ ଜଙ୍ଗଲ ସୁରକ୍ଷା ଆଇନ ଅନୁଯାୟୀ ତଦନ୍ତ କରିବା ସହିତ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହିର୍ମା ସରପଞ୍ଚ ଲକ୍ଷ୍ମୀବାଦୀ ଏବଂ ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ ଝାରସୁଗୁଡ଼ା ତହସିଲଦାରଙ୍କ ଠାରେ ଅଭିଯୋଗ ଦାବିପତ୍ର ପ୍ରଦାନ କରିଛନ୍ତି।

# ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା,୨୩।୧(ସମିସ): ଅତାବିରା ବ୍ଲକ୍ ଅଧୀନ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିଶିର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ତଥା ଶିକ୍ଷାବିତ ବାଳଗୋବିନ୍ଦ ବାବୁ, ସମିତି ସଭ୍ୟା ମଞ୍ଜୁଳତା ବଡ଼େଇ, ପୂର୍ବତନ ସରପଞ୍ଚ ମକରଧ୍ୱଜ ଭୋଇ, ପରିଚାଳନା କମିଟିର ସଭାପତି କଷ୍ଟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ବିଭିନ୍ନ ବିଭାଗରେ ପାରଦର୍ଶିତାରେ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀର ଛାତ୍ର କାଶୀନାଥ ମହାପାତ୍ର ବାଳକ ବିଭାଗରେ ଏବଂ ବାଳିକା ବିଭାଗରେ ନବମ ଶ୍ରେଣୀର ଛାତ୍ରୀ ଝରଣା ନାଏକ ଚାମ୍ପିଅନ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୁଏ, ନିରଞ୍ଜନ ପ୍ରଧାନ, ରୋହିତ ଭୋଇ, ପ୍ରତାପ ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମୈଥିଳି ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀରେ ରକ୍ତଦାନ ଶିବିର



ପଦ୍ମପୁର,୨୩।୧(ସମିସ): ନେତାଜୀ ସୁବାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ଶୁକ୍ରବାର ପଦ୍ମପୁର ଟ୍ୟାକ୍ସି ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ରକ୍ତଦାନ ଶିବିର ରାଜାଜୀ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଉପଖଣ୍ଡ ପୁଲିସ ଅଧୀକ୍ଷକ ପାଣ୍ଡବ ଶବର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଣୀଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଆଶା ସକ୍ରାର ସମ୍ପାଦକ ଅଜିତ ଶତପଥୀ, ସଭାପତି ନିରୋଜ ଦୋରା, ବସ ସଂଘ ସମ୍ପାଦକ ଅବିନାଶ ମିଶ୍ର, ସାମ୍ବାଦିକ ରତ୍ନମଣୀ ଶତପଥୀ, ଟ୍ୟାକ୍ସି ସଂଘ ସଭାପତି ଲବଣୀ ନାଗ, ଆଇଆଇସି ମମତା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ରକ୍ତଭଣ୍ଡାର ତରଫରୁ ସଂଗ୍ରାମ କେଶରୀ ମାହୁନ୍ତ, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ରିୟ ଗୁର୍ଲ୍ଲା, ମାନସ ବୁଡେକ, କିଶୋର ପଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ସାମ୍ବାଦିକ ଶିବାଶିଷ ପଟ୍ଟନାୟକ, ତୃପ୍ତିମୟ ତ୍ରିପାଠୀ, ସୁଦାମ ପଧାନ, ପ୍ରଦୀପ୍ତ ଦାଶ ସମେତ ବିଭିନ୍ନ ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ସରସ୍ୱତୀ ପୂଜା ଅବସରରେ ରକ୍ତଦାନ ଶିବିର



ବରଗଡ଼,୨୩।୧(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ବରାମୁଣ୍ଡା ଠାରେ ସରସ୍ୱତୀ ପୂଜା ଉପଲକ୍ଷେ ଏକ ରକ୍ତଦାତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରାମୁଣ୍ଡା ସରସ୍ୱତୀ ପୂଜା କମିଟି ଓ ଭେଡେନ ଅମୃତ୍‌କୁଟୁମ୍ବର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ରିଙ୍କୁ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଭୀମସାର ବୁର୍ଲା ଡ.ସିକୁନ ନାୟକ, ସାହେବ ପ୍ରଧାନ ଓ ଶୁକଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ପୂଜା କମିଟିର ଦୀପକ ପ୍ରଧାନ, ଅମିୟ ଚରଣ ପ୍ରଧାନ, ତରଣୀସେନ ଦଲେଇ, ସୁମନ୍ତ ସାହୁ, ସୁଷମା ଭୂଏ, ନିକିତା ପ୍ରଧାନ, ନିବାସ, ଦିନେଶ, ରିଙ୍କୁ, ପିଙ୍କୁ, ସତ୍ୟ, ଧରଣୀ, ଅମୀୟ, ଆକାଶ, ଚନ୍ଦନ, କ୍ଷୀରୋଦ, ପ୍ରକାଶ ଦେବ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଭୀମସାର ବୁର୍ଲାର ଡ.ସିକୁନ ନାୟକ, ମଣ୍ଟୁ ପ୍ରଧାନ ଓ ସହଯୋଗୀ ମାନେ ଦୁଇ ଜଣ ମହିଳା ସମେତ ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

# ପରମାଣପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା,୨୩।୧(ସମିସ): ଟୋପ ପଞ୍ଚାୟତ ପରମାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁବ୍ରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପାଣ୍ଡବ ବାରିକ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିରେନ ଭୋଇ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଗୋକୁଳାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ସୁଶାନ୍ତ ତ୍ରିପାଠୀ ପରିଚାଳନା ଓ ପୁରାତନ ଛାତ୍ରୀ ବିଷ୍ଣୁପ୍ରିୟା ଯାଦବ ସଂଯୋଜନା କରିଥିଲେ।




# ମାର୍ଚ୍ଚ ୮ରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ

ଦେବଗଡ଼,୨୩।୧(ସମିସ): ଦେବଗଡ଼ ଜିଲ୍ଲାର ନିକ୍ତିମାଳ ଗାଁରେ ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ ଆସନ୍ତା ମାର୍ଚ୍ଚ ୮ରେ ପାଳିତ ହେବ। ଶୁକ୍ରବାର ସମ୍ବଲପୁର ଠାରେ ପରିଷଦର ସଭାପତି ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାସହ ଫେବୃଆରୀ ୬ରେ ସାଂଗଠନିକ ବୈଠକ ଡକାଯାଇଛି। ଏଥିରେ ସବୁ ଜିଲ୍ଲାର ସଂଯୋଜକ, ସଭାପତି, ମହିଳା କୀର୍ତ୍ତନ ଦଳ ଓ ପୁରୁଖା କୀର୍ତ୍ତନ ଗାୟକଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ବୈଠକ ଆରମ୍ଭରେ ପରିଷଦର ସମ୍ପାଦକ ମାନଭଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପଦେଷ୍ଟା ରାଜେନ୍ଦ୍ର ବେହେରା, ଉପ-ସଭାପତି ଲୋକନାଥ ମିଶ୍ର, ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ ବାରିକ, ସଂଯୋଜକ ଦିଲ୍ଲୀପ ବଡ଼େଇ, ବଳରାମ ମାହାନା, ପରିଷଦର ସଂଯୋଜକ ତୁଷାର ରଞ୍ଜନ ବାରିକ, ଦେବଗଡ଼ ଜିଲ୍ଲା ସଂଯୋଜକ ରୋହିତ ପ୍ରଧାନ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ଅରୁଣ ସାହୁ, ରାଧାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

# ଗାଙ୍ଗେଶ୍ୱରଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ଦେବଗଡ଼,୨୩।୧(ସମିସ): ତିଲେଇବଣି ବ୍ଲକ୍ ଗାଙ୍ଗନଣ ଗାଁରେ ଆଜି ମହାପ୍ରଭୁ ଶ୍ରୀଶ୍ରୀ ଗାଙ୍ଗେଶ୍ୱରଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଶୁକ୍ରବାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ସକାଳେ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଏବଂ ଅନ୍ୟାନ୍ୟ ବାଦ୍ୟର ତାଳେ ତାଳେ ଶହ ଶହ ମହିଳା ଶୋଭାଯାତ୍ରାରେ ନିକଟସ୍ଥ ବ୍ରାହ୍ମଣୀ ନଦୀ (ରଙ୍ଗାଳି ନଦୀବନ୍ଧ ଜଳଭଣ୍ଡାର)ରୁ ପୂଜାର୍ଚ୍ଚନା ପୂର୍ବକ କଳସୀରେ ଜଳ ସଂଗ୍ରହ କରି ଗାଙ୍ଗନଣ ଗାଁଖଲି ସ୍ଥିତ ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପୂର୍ବାହ୍ନରେ ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତିରେ ସୋମ ଯଜ୍ଞ ସହ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ମଧ୍ୟାହ୍ନରେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଗାଙ୍ଗେଶ୍ୱର ଶିବ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ସର୍ବଭାରତୀୟ ମାଁ ଜଳମୁଣ୍ଡି କ୍ରିକେଟ୍ କପ୍: କଟକ ୟୁନିୟନ୍ ସ୍ପୋର୍ଟିଂ ଚାମ୍ପିଅନ

ଦେବଗଡ଼,୨୩।୧(ସମିସ)



ନେତାଜୀ ସ୍ପୋର୍ଟସ୍ ଆସୋସିଏସନ୍ ଆନୁକୂଲ୍ୟରେ ଦେବଗଡ଼ ଟିଙ୍କବୀର ଠାରେ ଆୟୋଜିତ ୧୭ ତମ ସର୍ବଭାରତୀୟ ମାଁ ଜଳମୁଣ୍ଡି କ୍ରିକେଟ କପ ୨୦୨୬ରେ କଟକ ୟୁନିୟନ୍ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍‌ରେ ରାଉରକେଲା ଏୱାଇସିସି ଦଳକୁ କଟକ ୟୁନିୟନ୍ ସ୍ପୋର୍ଟିଂ ୫ ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ କଟକର ମଧ୍ୟକ୍ରମ ବ୍ୟାଟିଂ ସଫଳତା ଦଳକୁ ଚାମ୍ପିଅନ କରିଛି। ମଧ୍ୟକ୍ରମ ବ୍ୟାଟର ବିନାୟକ ପ୍ରସାଦ ୫୩ରନ କରିଥିଲେ। ପିଣ୍ଟୁ ୪୮ରନ ଓ ତାପସ୍ ୩୭ରନ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୧୭୬ ରନକୁ ପିଛା କରି ଶେଷ ବଲ୍‌ରେ କଟକ ବିଜୟୀ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ରାଉରକେଲା ଏୱାଇସିସି ଦଳ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୧୭୫ ରନ୍ କରିଥିଲା। ପ୍ରଥମ ୱିକେଟ ଯୋଡିରେ ବ୍ୟାଟର ଶତକୀୟ ପାଳି ଖେଳିଥିଲେ। ଅଙ୍କିତ ପି ୩୯ଟି ବଲ୍‌ରୁ ୬୩ ଓ ସୌରଭ ୪୯ରନ କରିଥିଲେ। ହେଲେ ଏହି ୨ ବ୍ୟାଟର୍ ଆଉଟ ହେବା ପରେ ଦଳ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ତଥାପି ନିମ୍ନକ୍ରମ ବ୍ୟାଟରଙ୍କ ସହଯୋଗରେ ରାଉରକେଲା ୭ ୱିକେଟ ହରାଇ ୧୭୫ରନ କରିଥିଲା। କଟକ ପକ୍ଷରୁ ଶୁଭମ ପି ୩ଟି, ବିଶ୍ୱଜିତ ପ୍ରଧାନ ୨ଟି ଏବଂ ଏମ୍‌ଡି ଏନ୍ ଗୋଟିଏ ୱିକେଟ ହାସଲ କରିଥିଲେ। ଆଜିର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିନାୟକ ସାନୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରାଉରକେଲାର ଅଙ୍କିତ ପ୍ରସାଦ ଗୁପ୍ତା ମ୍ୟାନ୍ ଅଫ୍ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ରାଉରକେଲାର ଆକାଶ ଠାକୁର ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର, ରାହୁଲ ଛେତ୍ରୀ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଏବଂ କଟକ ଦଳର ତାପସ ରାଉତି ଶ୍ରେଷ୍ଠ ବ୍ୟାଟର ଭାବେ ବିବେଚିତ ହୋଇଥିଲେ। ସମସ୍ତଙ୍କୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର କରାଯାଇଥିଲା। ଆଜି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

ବିଜେତା ଦଳକୁ ୪୫ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ ମ୍ୟାଚ୍‌ରେ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ମହେଶ ମୁନସୀ ଓ ଏମ୍‌ଡି ଇସାକ୍ ପରିଚାଳନା କରିଥିଲେ। ବିଷ୍ଣୁ ସାହୁ, ଦେବାଶିଷ ବିଶ୍ୱାଳ ଏବଂ ରିୟାଂଶ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ରେଖାଙ୍କିତ ମାଝୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ବିଦ୍ୟାଦାତ୍ରୀଙ୍କ ପୂଜା ସହ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ






ବରଗଡ଼, ୨୩।୧(ସମିସ)

ବିଦ୍ୟାସାଗର ଏକାଡେମୀ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ବଳରାମ ବିଶି, ମ୍ୟାନେଜିଂ ଡାଇରେକ୍ଟର ଶୁଭ୍ରନିତା ବିଶି, ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ସୁଧାମୟୀ ଭୋଇ, ସିବିଏସଇ ଅଧକ୍ଷ ଦିଲୀପ ମିଶ୍ର ଓ ସିଏଚଏସଇ ଅଧକ୍ଷ ବିକାଶ ସେନ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ପବିତ୍ର ଦିନରେ ବିଦ୍ୟାଳୟ ପରିସରର ସରସ୍ୱତୀ ପୂଜା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଥିଲା। ବସନ୍ତ ପଞ୍ଚମୀର ଏହି ଶୁଭ ସମୟରେ ନୂତନ ଛାତ୍ରଛାତ୍ରୀଙ୍କ ନାମଲେଖା ହୋଇଥିଲା।

**ବରଗଡ଼:** ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହା ସହିତ ବିଦ୍ୟାଳୟ ପ୍ରାଙ୍ଗଣରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥିରେ ପରାକ୍ରମ ଦିବସ ପାଳିତ ହୋଇଥିଲା। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି.ମୂରଳୀ କ୍ରିଷ୍ଣା ଦୁଇ ବୀର ପୁରୁଷଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଜାତି ଓ ଦେଶ ପାଇଁ ସେମାନଙ୍କର ବୀରତ୍ୱ ଗାଥାର ଗୁଣଗାନ କରିଥିଲେ। ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ରାମ ତୁଳସୀ, ମ୍ୟାନେଜିଂ ଡାଏରେକ୍ଟର ବିବେକ ଦଶାରୀ, ଡାଏରେକ୍ଟର ଟୁ ଚେୟାରମ୍ୟାନ ଲୋକେଶ ଦଶାରୀ, ଡାଏରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଏକ୍ଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧକ୍ଷ ଡ.ମନୋଜ ତ୍ରିପାଠୀ, ପିପୁଲ ଏଣ୍ଡ କଲଚର୍ ହେଡ୍ ଅଶ୍ୱିନୀ ନାୟକ, ସମସ୍ତ ବିଭାଗର ମୁଖ୍ୟ, ସମସ୍ତ ଛାତ୍ରଛାତ୍ରୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରମୁଖ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**ଅତାବିରା:** ଅତାବିରା ବ୍ଲକ ସିଂହପାଲି କ୍ଲଷ୍ଟର୍ ଅଧୀନ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡାହାରୁପଡ଼ାଠାରେ ବାଗଦେବୀ ମାଁ ସରସ୍ୱତୀଙ୍କ ପୂଜନୋତ୍ସବ ଏବଂ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ତଥା ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଲଳିତା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସିଓହପାଲି କୃତାର୍ଥ ଚନ୍ଦ୍ର ଭୁଏ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ସମାରୁ ବାରୁଙ୍କ ଧର୍ମପତ୍ନୀ ଦୁଃଖିନୀ ବାରୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନିରାମ ଦାସ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପାହାଡଶ୍ରୀଗିଡା ସୁବାଷ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ କିଚକ ସୁନା ଓ ଶିକ୍ଷୟିତ୍ରୀ ପଙ୍କଜିନୀ ଟପ୍ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଯଶୋବନ୍ତୀ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରତିମା ବାରୁ, ସଓଜୁ ବାରୁ, ନିଭ୍ରିତି ବାରିକ, ସୀତା ଟପ୍, ଉଜୁଳି ଭେଙ୍ଗରାଜ, ରଜନୀ ଭୁଏ, ମଣ୍ଟୁ ଟପ୍, ଲୀଳାବତୀ ମହାକୁର, ସୁଭଦ୍ରା ଚୋହାନ ତଥା ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ଡାହାରୁପଡ଼ା ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ସରସ୍ୱତୀ ପୂଜା, ବିଦ୍ୟାରମ୍ଭ ସଂସ୍କାର, ସାମୂହିକ ଖଡି ଛୁଆଁ ଉତ୍ସବ ଓ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ କଳସ ଓ ଗ୍ରନ୍ଥ ଶୋଭାଯାତ୍ରାରେ ଗୋପାଳଜୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ପୁଣି ଶିଶୁ ମନ୍ଦିରକୁ ଫେରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଶିଶୁମାନଙ୍କ ପାଦ ଧୋଇ ସ୍ୱାଗତ କରିଥିଲେ। ପରେ ଅର୍ନ୍ତଯ୍ୟାମୀ ମେହେରଙ୍କ ପୌରୋହିତ୍ୟରେ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସୌରଭ ରଞ୍ଜନ ପଣ୍ଡା ସପତ୍ନୀକ ଅଲିଭା ରଥ, ନିର୍ମଳ ସାହୁ ସପତ୍ନୀକ ସନ୍ତୋଷିନୀ ସାହୁ, ବିନୟ ପଣ୍ଡା ସପତ୍ନୀକ ତୃପିବାଲା ମିଶ୍ର, ତୋଷରାଜ ମେହେର ସପତ୍ନୀକ ଅରୂପା ମେହେର ପ୍ରମୁଖ ଯଜ୍ଞ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଭାପତି ପୃଥ୍ୱିରାଜ ସାହୁ ଦୀପ ପ୍ରଜ୍ୱଳନ ପୂର୍ବକ ମାର୍ଗଦର୍ଶନ କରିଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ଜନକ ଲାଲ ମେହେର, ପୂର୍ବତନ ଛାତ୍ର ପରିଷଦ ସଭାପତି ଅଜୟ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଦୁର୍ବାଦଳ ସାହୁ ଗୁରୁଜୀ ସଂଯୋଜନା କରିଥିଲା ବେଳେ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ ସହ ଉଦ୍ଦେଶ୍ୟ କଥନ କରିଥିଲେ। ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ମନ୍ଦିର ପରିସରରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ମୁଦିରଥ ପଣ୍ଡା ପୂଜକ ଦାୟିତ୍ୱ ତୁଲାଇଥିଲେ। କୁନିକୁନି ଲେଖନୀରୁ ଲିଖିତ ଓ ଚିତ୍ରକଳାର ସମାହାର ଅରୁଣକୁ ସଭାପତି ପୃଥ୍ୱିରାଜ ସାହୁ ଉନ୍ମୋଚନ କରିଥିଲେ। ସେହିପରି ବିଦ୍ୟା ମନ୍ଦିର ବିଭାଗରେ ପୂଜକ ଭାବେ ଯଦୁମଣି ଦାଶ ଦାୟିତ୍ୱ ତୁଲାଇଥିଲେ। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ହୋଇଥିଲା। ରଜତ ସାହୁ, ସିଦ୍ଧାର୍ଥ ଶେଖର ସାହୁ ସେମାନଙ୍କ ଉପରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ଧନଞ୍ଜୟ ତାଣ୍ଡି ଗୁରୁଜୀ ସଂଯୋଜନା କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ସରସ୍ୱତୀ ପୂଜା ଓ ଖଡି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନିରୁଦ୍ଧ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ ଓ ଶିଶୁମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଗଙ୍ଗାଧର ରଣା, ଶିକ୍ଷା କେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନା, ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ତପନ ବହିଦାର, ଉପାଧକ୍ଷ ମଳୟ ହଂସ ଉପସ୍ଥିତ ଥିବା ବେଳେ ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ଜଗନ୍ନାଥ ରଣା, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ ସମେତ ସମସ୍ତ ଅପା ଭାଇ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାଇକମାଳ ଅଞ୍ଚଳ ଓ ମାଣ୍ଡୋସିଲ ଅଞ୍ଚଳରେ ବିଭିନ୍ନ ସରକାରୀ ତଥା ବେସରକାରୀ ସ୍କୁଲ ଗୁଡିକ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି।

**ଝାରବନ୍ଧ:** ଝାରବନ୍ଧ ଡିଗ୍ରୀ କଲେଜରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ସରସ୍ୱତୀ ପୂଜା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ପରେ ମାଁ ସରସ୍ୱତୀଙ୍କ ପୂଜା ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କଲେଜର ଅଧକ୍ଷ ଶ୍ୟାମ ସୁନ୍ଦର ବେହେରା, ଇଂରାଜୀ ଅଧ୍ୟାପକ ଗଗନ ବିହାରୀ ଡନସନା, ଅଧ୍ୟାପିକା ମିନପ୍ରଭା ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରିହର ସାହୁ ସହ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବକ୍ତାମାନେ ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ, ବୀରତ୍ୱ ଓ ତ୍ୟାଗର ଆଦର୍ଶ ବିଷୟରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ସେହି ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ।

## ସ୍ୱାଧୀନତା ସଂଗ୍ରାମରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ

**ବରଗଡ଼:** ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଦୁଇ ବରପୁତ୍ର ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ ଅଟେ। ଏ ଜାତି ସବୁ ଦିନ ପାଇଁ ତାଙ୍କୁ ମନେ ରଖିବ ବୋଲି ଜନ୍ମ ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣା ପ୍ରତାପ ସ୍କୁଲ ଠାରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟ ବକ୍ତା ଭାବେ ଡ.ଡୋଳାମଣି ଶତପଥୀ ଯୋଗ ଦେଇଥିଲେ। ଉଭୟ ମହାପୁରୁଷଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରି ସ୍ୱାଧୀନତା ଆନ୍ଦୋଳନରେ ଉଭୟଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ମୀନା ପଣ୍ଡା, ଡାକ୍ତର ଭୋଇ, ମନୋଜ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିଳୀମା ପ୍ରଧାନ ଜ୍ୟୋତି ବେହେରା, ସୁନୀତା ମିଶ୍ର ଜ୍ୟୋତ୍ସ୍ନା ତ୍ରିପାଠୀ, ନନ୍ଦିତା ସାହୁ, ବବିତା ନାଏକ ସୀମା ବିଶ୍ୱାସ, ସୀମା ଭୋଇ, ମିତା ପ୍ରଧାନ ବିବିତା ବରିହା ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧକ୍ଷା ପଦ୍ମିନୀ ଗଡ଼ତିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବରଗଡ଼:** ଓଡ଼ିଶା ମାଟିର ଦୁଇ ବରପୁତ୍ର ବୀର ସୁରେନ୍ଦ୍ର ସାଏ ଓ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ବରଗଡ଼ ନାଗରିକ ମଞ୍ଚ ଦ୍ୱାରା ସରକାରୀ ବସ୍ଷ୍ଟାଣ୍ଡ ପରିସରରେ ପାଳିତ ହୋଇଯାଇଛି। ବରଗଡ଼ ନାଗରିକ ମଞ୍ଚର ସଭାପତି ତଥା ବରଗଡ଼ ଓକିଲ ସଂଘର ସଭାପତି ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଦସ୍ୟ ରାଜ ବିଶି, ବରଷ୍ଠ ସାମ୍ବାଦିକ ଜୟପ୍ରକାଶ ଶତପଥୀ ଯୋଗ ଦେଇଥିଲେ। ଓଡ଼ିଶା ମାଟିର ଦୁଇ ବରପୁତ୍ର ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷଙ୍କ ପାଇଁ ଆମେ ଗର୍ବିତ ବୋଲେ ଅତିଥି ମାନେ ବକ୍ତବ୍ୟରେ କହିଥିଲେ। ନାଗରିକ ମଞ୍ଚର ସମ୍ପାଦକ ଭାବାନି ପ୍ରସାଦ ସାହୁ, ସୁଦାମ ସାହୁ, ସୁରଥ ସାହୁ, ସୁବାଷ ପଧାନ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ନାୟକ, ଶିକ୍ଷକ ସଞ୍ଜୟ ଖମାରୀ, ପୂର୍ବତନ ହିନ୍ଦୀ ଶିକ୍ଷକ ରାଧେଶ୍ୟାମ ବାରିକ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସାନନ୍ଦ ଦେହେରୀ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଈଶ୍ୱର ପଧାନ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ରଞ୍ଜିତ ସାହୁ, ଅମ୍ବୂଲ୍ୟ ଭୋଇ, ସୁଦର୍ଶନ ପଧାନ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜୀ ଭୁଏ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ପାଇକମାଳ:** ପାଇକମାଳ ନୃସିଂହନାଥ ସ୍ଥିତ ବଡ ଦେଓ ମଣ୍ଡପରେ ଅଖିଳ ଭାରତୀୟ କ୍ଷତ୍ରୀୟ ଗୋଣ୍ଡ ସମାଜ ତରଫରୁ ବୀର ସୁରେନ୍ଦ୍ର ସାଏ ଓ ସୁବାସ ବୋଷଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ମଣ୍ଡପ ସଭାପତି ଗଜରାଜ ସିଂ ପୁଟାଙ୍କ ସଭାପତିତ୍ୱ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକୁ ଦୁର୍ଯ୍ୟୋଧନ ପୁଟା ପରିଚାଳନା କାରିଥିଲେ। ପ୍ରଥମେ ବୀର ସୁରେନ୍ଦ୍ର ସାଏ ଓ ସୁବାଷ ବୋଷଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଝାରବନ୍ଧ, ପାଇକମାଳ, ପଦ୍ମପୁରର ଗୋଣ୍ଡ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ସଭାରେ ଶୋଭାରାମ ଧରୁଆ, ସଦାନନ୍ଦ ଧରୁଆ, ବାଲକୃଷ୍ଣ ଧରୁଆ, ରାଜାରାମ ଧରୁଆ, ଲୋକନାଥ ଧରୁଆ, କୃଷ୍ଣ ଧରୁଆ, ସୁରେନ ଧରୁଆ, ରାମେଶ୍ୱର ଧରୁଆ, ଭାଗବତିଆ ସିଂ ଦାଉ, ଚଇତୁ ସିଂ ଦେଓ, ନରସିଂହ ଧରୁଆ, ଜଗଦେବ ଧରୁଆ, ଆନନ୍ଦ ଧରୁଆ ଆଦି ଯୋଗ ଦେଇଥିଲେ। ଶେଷରେ ଖଗେଶ୍ୱର ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ● ବୀର ଭୂମି ଡେବ୍ରିଗଡ଼ରେ ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜୟନ୍ତୀ

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ବୀର ଭୂମି ଡେବ୍ରିଗଡ଼ରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜନ୍ମ ଜୟନ୍ତୀ ଷୋଡବଂଶୀ ଗୌଣ୍ଡ ସମାଜ ଅମ୍ବାଭୋନା ଓ ଭଟଲି ବ୍ଲକର ସଂଯୁକ୍ତ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଷୋଡବଂଶୀ ଗୌଣ୍ଡ ସମାଜର ସଭାପତି ଜମିଦାର ଲକ୍ଷ୍ମୀନାରାୟଣ ସିଂହଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଡେବ୍ରିଗଡ଼ ଗାଁ ପୋଖରୀ ନିକଟସ୍ଥ ଇଷ୍ଟଦେବୀ ବନଦୁର୍ଗା ମାଁଙ୍କ ପୂଜା ଆରାଧନା କରାଯାଇଥିଲା। ମାଁଙ୍କ ଠାରୁ ଆଜ୍ଞାମାଳ ଗ୍ରହଣ ପରେ ପାରମ୍ପରିକ ଅସ୍ତ୍ର-ଶସ୍ତ୍ର ଖଣ୍ଡା, ଢ଼ାଲ, ବର୍ଚ୍ଛା, ଧନୁ-ତୀର ସହିତ ମଶାଲ ଧରି ଏକ ଭବ୍ୟ ଶୋଭାଯାତ୍ରା ବୀର ଭୂମି ଡେବ୍ରିଗଡ଼ ଗୁମ୍ଫା ପର୍ଯ୍ୟନ୍ତ ଯାଇଥିଲା।



ଏଠାରେ ବୀର ସୁରେନ୍ଦ୍ର ସାଏ ଯେଉଁଠାରେ ବାସ କରୁଥିଲେ ଓ ଯୁଦ୍ଧକୁ ଯିବା ପୂର୍ବରୁ ସମଲେଇ ମାଁଙ୍କ ପୀଠରେ ପୂଜା କରୁଥିଲେ, ସେହି ପବିତ୍ର ସ୍ଥାନରେ ଗୌଣ୍ଡ ସମାଜର ପୁଜକ ସଙ୍କୀର୍ତ୍ତନ ଭୁଏ ଓ ସୁଶୀଲ ଧରୁଆଙ୍କ ଦ୍ୱାରା ପୂଜାପାଠ ଓ ଧ୍ୱଜାରୋହଣ କରାଯାଇଥିଲା। ପରେ ଡେବ୍ରିଗଡ଼ରେ ଆୟୋଜିତ ସାଧାରଣ ସଭାରେ ଖରସଲ ଜମିଦାର ମହାଦେବ ସିଂହ, ପାହାଡସିର୍ଗିଡା ଜମିଦାର ହରଦୀପ ସିଂହ, ବଞ୍ଜାରୀ (ଝାରସୁଗୁଡ଼ା) ଜମିଦାର ମନୋଜ ସିଂହ, ଦେଶବନ୍ଧୁ ଭରତ ସିଂହ, ମଚିଦା ଜମିଦାର ଦଶରଥ ସିଂହ, ଝାରସୁଗୁଡ଼ା ଜିଲ୍ଲା ସଭାପତି ଜଗନ୍ନାଥ ଭୋଇ, ଉପଦେଷ୍ଟା ଉଗ୍ରସେନ ଧରୁଆ, ଅମ୍ବାଭୋନା ଗୁଡି ସଭାପତି ମହାଦେବ ବାଗ, କେଶାଇପାଲି ଗୁଡି ସଭାପତି ତେଜରାଜ ସିଂହ, ସମ୍ପାଦକ ନୀଳମଣି ସିଂହ, ଉପସଭାପତି ତରଣିକୁମୁରା, ଲେଥର ଗୁଡି ସଭାପତିରବି ସିଂହ, ଖୋଲା ସଭାପତି ସାଲେଖ ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ବୀର ସୁରେନ୍ଦ୍ର ସାଏଙ୍କ ଦୀର୍ଘ ୪୦ ବର୍ଷର ସଂଗ୍ରାମ, ଇଂରେଜ ସରକାର ଦ୍ୱାରା ଦିଆଯାଇଥିବା ଅମାନବୀୟ ନିର୍ଯ୍ୟାତନା ଓ ତାଙ୍କ ଯୁଦ୍ଧ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଶହ ଶହ ସଂଖ୍ୟାରେ ମହିଳା, ପୁରୁଷ ଓ ଉତ୍ସାହୀ ଯୁବକ-ଯୁବତୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭା ଶେଷରେ ମୁଲଭାର ସରପଞ୍ଚ ତରଣୀକୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

# କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅମ୍ବାଭୋନା, ୨୩।୧(ସମିସ):** ଅମ୍ବାଭୋନା ବ୍ଲକ ଅଧୀନ ଲଖନପୁର ଗାଁର କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟ, ଲଖନପୁରର ବାର୍ଷିକ ଉତ୍ସବ 'ଉଡାନ' ପ୍ରଧାନଶିକ୍ଷକ ସୁଶାନ୍ତ ଦେହେରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲଖନପୁର ପଞ୍ଚାୟତର ସରପଞ୍ଚ ସତ୍ୟଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ସିଆରସିସି ସୁମନ୍ତ ବାଗ, ହାବିଲଦାର ଓଡ଼ିଶା ପୁଲିସର ଉମେଶ ଦ୍ୱିବେଦୀ, ଅମ୍ବାଭୋନା କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋହର ସାହୁ ସମ୍ମାନିତ ଅତିଥି ଭାବେ ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ବେହେରା ଯୋଗଦାନ କରିଥିଲେ। ସଭା ପରିଚାଳନା କରିଥିଲେ ଶିକ୍ଷକ ସୁଜିତ ବାରିକ। ସ୍ୱାଗତ ଭାଷଣ ଦେଇଥିଲେ ଘନଶ୍ୟାମ ପ୍ରଧାନ। ବାର୍ଷିକ ବିବରଣୀ ପଠନ କରିଥିଲେ ବିଜ୍ଞାନ ଶିକ୍ଷକ ଅରବିନ୍ଦ ବାରିକ। ବିଗତ ହାଇସ୍କୁଲ ପରୀକ୍ଷାରେ ବିଦ୍ୟାଳୟରେ ପ୍ରଥମ ହୋଇଥିବା କମଳିନୀ ମେହେର ଓ ନବମ ଶ୍ରେଣୀର ଭାବନା ମେହେରଙ୍କୁ ବାର୍ଷିକ ନିରଞ୍ଜନ ଓ ତୁଳାବତୀ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଙ୍ଗାଲୋରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଶମ ଶ୍ରେଣୀର ଛାତ୍ରୀ ଲୀନା ମେହେର ଓ ରାଜ୍ୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ପ୍ରତୀକ କାଲୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ସୁରେଶ ମହାନନ୍ଦଙ୍କ ଲିଖିତ ଓ ନିର୍ଦ୍ଦେଶନାରେ 'ସମିଆର ଖେଳ' ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହୋଇଥିଲା ଖେଳ ଶିକ୍ଷକ ସ୍ୱରାଜ କଠାର ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର୍ କ୍ରିକେଟ କପ୍: ସେମିରେ ଭଦ୍ରକ

**ଦହିତା, ୨୩।୧(ସମିସ):** ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆଠାରେ ଗୋଲ୍ଡେନଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ ତୃତୀୟ ଦିବସ ହୋଇଯାଇଛି। ତୃତୀୟ ଦିବସର ଖେଳରେ ୪ଟି ଦଳ ମଧ୍ୟରୁ ଭଦ୍ରକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଝାଡଖଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପଦ୍ମପୁରର ଡ.ସଞ୍ଜୟ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଭଦ୍ରକ ଦଳର ବାପିଙ୍କୁ ପୁରସ୍କୃତ କରିଥିଲେ। ଜାନୁଆରୀ ୨୫ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।




ଆଜିର ମ୍ୟାଚ୍‌କୁ ଅମ୍ପାୟାର ସନମ ସାହୁ, ଅନ୍ତର୍ଯ୍ୟାମୀ ପଧାନ, ଝସ ମେହେର, ଉମେଶ ଭୋଇ, ପରିଚାଳନା କରିଥିବା ବେଳେ ସୁନୀଲ, ସନ୍ତୋଷ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବୁଦ୍ଧଦେବ ମହାରଣା ଓ ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ଆକାଶ, ସୁଶୀଲ, କ୍ୟାମେରା ମେନ ପପୁ, ଦେବା, ପ୍ରଦୀପ, ଯତୀନ, ସୌରଭ, ଜଗନ୍ନାଥ, ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# 'ଆବାସ' ଅପେକ୍ଷାରେ ଯମୁନା ପରିବାର

**ପାଇକମାଳ, ୨୩।୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ମଖନାମୁଣ୍ଡା ଗାଁର ହରିଜନ ପଡ଼ାରେ ରହନ୍ତି ଯମୁନା ଦୁରିଆଙ୍କ ପରିବାର। ପରିବାର କହିଲେ ସ୍ୱାମୀ, ସ୍ତ୍ରୀ, ଶାଶୁ ଓ ନିଜ ଦୁଇ ଝିଅ। ହେଲେ ରହିବା ପାଇଁ ଭଲ ଘରଟିଏ ନାହିଁ। ଘରର ଅବସ୍ଥା ଏପରି ଯେ, ଘରକୁ ପଶିଲେ ଖପର ଛାହୁଣୀ ମୁଣ୍ଡରେ ବାଜେ। ବର୍ଷା ମାସେ ଏମିତି ଅବସ୍ଥା ହୁଏ ଯେ ଘରେ ପଶିଥିବା ପାଣିକୁ ସେମାନଙ୍କ ପାଣି କାଢ଼ିବାକୁ ପଡ଼ିଥାଏ। ଏନେଇ ଭଲ ଘରଟିଏ କରିବା ପାଇଁ ଆବେଦନ କରିଥିଲେ ମଧ୍ୟ ଏଯାଏଁ ଜନ ପ୍ରତିନିଧି ତଥା ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। ପ୍ରଶାସନ ଆମ ଘରକୁ ଆସି ଦେଖନ୍ତୁ ତାପରେ ଆମେ ପାଇବାର ଯୋଗ୍ୟ ହେଲେ ଘର ଦିଅନ୍ତୁ ବୋଲି କହିଛନ୍ତି। ଏନେଇ ପିଇଓଙ୍କୁ ପଚାରିବାରୁ ଏନେଇ ଆବେଦନ ହୋଇଥିବା ଫର୍ମ ଗୁଡିକ ଭେରିଫିକେସନ ହୋଇ ସାରିଛେ ଆସିଲେ ଜଣାପଡ଼ିବ ବୋଲି କହିଛନ୍ତି।



## ● ଜିଲ୍ଲା ଶିକ୍ଷା ବିଭାଗରେ କଳଙ୍କ

# ଛାତ୍ରୀଙ୍କୁ ଅସଦାଚରଣ; ଖେଳ ଶିକ୍ଷକ ଗିରଫ

**ବରଗଡ଼, ୨୩।୧(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗରେ କଳଙ୍କ ଲାଗିଛି। ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକରେ ଏକ ସରକାରୀ ହାଇସ୍କୁଲର ଜଣେ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ, ମାରପିଟ୍ କରି ଅସଦାଚରଣ କରୁଥିବା ଖେଳ ଶିକ୍ଷକଙ୍କୁ ପାଇକମାଳ ପୁଲିସ ଗିରଫ କୋର୍ଟ ଚାଲାଣ କରିଥିବା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ଛେତଗାଁ ପଞ୍ଚାୟତ ହାଇସ୍କୁଲରେ ଦଶମ ଶ୍ରେଣୀର ପରୀକ୍ଷା ହେଉଥିଲା। ପରୀକ୍ଷା ଦେଇ ଦଶମ ଶ୍ରେଣୀର ଛାତ୍ରୀ ଜଣକ ଆସୁଥିଲେ। ଏହି ସମୟରେ ସ୍କୁଲର ଖେଳ ଶିକ୍ଷକ ନାରାୟଣ ସାହୁ (୫୮) ସେହି ଛାତ୍ରୀଙ୍କୁ ବାରଣ୍ଡାରେ ଅସଭ୍ୟ ଭାଷାରେ ଗାଳିଗୁଲଜ, ମାରପିଟ୍, ଜାତିଆଣ ଆକ୍ଷେପ କରି ଅସଦାଚରଣ କରୁଥିବା ଛାତ୍ରୀଙ୍କ ଭାଇ ପାଇକମାଳ ଥାନାରେ ଆସି ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏ ପ୍ରକାର ହରକତ କରୁଥିବା ସେହି ଛାତ୍ରୀ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ପୁଲିସ ପାଇକମାଳ ସଡକପଡ଼ାରେ ରହୁଥିବା ଖେଳ ଶିକ୍ଷକ ନାରାୟଣ ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। ପାଇକମାଳ ଥାନାରେ ପକ୍ସୋ ଆକ୍ଟ, ଏସସି ଆଣ୍ଡ ଏସଟି(ପିଓଏ) ଆକ୍ଟ, ମାମଲାରେ ଗିରଫ କରି ପଦ୍ମପୁର କୋର୍ଟ ଚାଲାଣ କରିଛି।

# ଚାଷୀମାରଣ ନୀତି ପ୍ରତିବାଦରେ ବିଜେଡିର ଚାଷୀ ସମାବେଶ

ପାଇକମାଳ, ୨୩।୧(ସମିସ)

ପାଇକମାଳ ହାଇସ୍କୁଲ ପଡ଼ିଆରେ ବିଜେପି ସରକାରଙ୍କ ଚାଷୀ ମାରଣ ନୀତି ପ୍ରତିବାଦରେ ବିଜେଡିର ପାଇକମାଳରେ ବିରାଟ ଚାଷୀ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଅଧକ୍ଷତା କରିଥିଲେ। ହୃଦାନନ୍ଦ ବାରିକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ତଥା ରାଜ୍ୟ ବିଜେଡି ଉପ ସଭାପତି ପ୍ରଶନ୍ନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରିତା ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ




ଦେବେଶ ଆଚାର୍ଯ୍ୟ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର, ରାଜୁ ଘିବିଲା, ପ୍ରଦ୍ୟୁମ୍ନ ତ୍ରିପାଠୀ, ଭାବନା ସିଂ, ବିଜୟ ସ୍ୱାଇଁ, ଜିବର୍ଦ୍ଧନ ବରିହା, ନନ୍ଦଲାଲ ମହାପାତ୍ର, ରଣଜିତ ସିଂ ବରିହା, ବିଜୟ କେତନ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଜେପି ସରକାରର ଚାଷୀ ମାରଣ ନୀତି, ୩୦୦ ୟୁନିଟ ବିଜୁଳି ବିଲ ଛାଡ, ସୁଭଦ୍ରା ଟଙ୍କା ଏକ କାଳିନ ପ୍ରଦାନ, ଚାଷୀର ଟୋକନ ସମସ୍ୟା, ମଣ୍ଡିମାନଙ୍କରେ କଟନି ଛଟନି ପ୍ରମୁଖ ସମସ୍ୟା ନେଇ ଅତିଥି ମାନେ ବିଜେପି ସରକାର ବିରୋଧରେ ବର୍ଷିଥିଲେ। ଟାଇଲ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିବା ବେଳେ ସିର୍ଦ୍ଧାଥ ମିଶ୍ର ଧନ୍ୟବାଦ ଦେଇଥଲେ। ଏହା ପରେ ସଭାରେ ଯୋଗଦାନ କରିଥିବା ଚାଷୀ ମହିଳା ସଚେତନ ନାଗରିକ, ଶତାଧିକ ବିଜେଡି କର୍ମୀ ସମସ୍ତେ ଏକ ପଦଯାତ୍ରାରେ ବାହାରି ସରକାର ବିରୋଧି ସ୍ଲୋଗାନ ଦେଇ ପାଇକମାଳ ଥାନାକୁ ଆସିଥିଲେ। ପାଇକମାଳ ଥାନାରେ ଦାବିପତ୍ରକୁ ପୂର୍ବତନ ମନ୍ତ୍ରୀ ଛୁରିଆ ପଢ଼ି ଶୁଣାଇଥିଲେ। ପାଇକମାଳ ଆଡିସନାଲ ତହସିଲଦାର ହରିସିଂ ମାଝିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର ଓ ପାଇକମାଳ ଥାନା ଅଧିକାରୀ କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରବନ୍ଧ ବ୍ଲକ୍‌ସ୍ତରୀୟ 'ନିଷ୍ଠା ଅନ୍ତର୍ନିବେଶୀ ଶିକ୍ଷା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଝାରବନ୍ଧ, ୨୩।୧(ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଓ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ଏକା ସମୟରେ ଆୟୋଜିତ ବ୍ଲକ ସ୍ତରୀୟ ପଞ୍ଚଦିବସୀୟ 'ନିଷ୍ଠା ସମାନତା ଓ ଅନ୍ତର୍ନିବେଶୀ ଶିକ୍ଷା' କାର୍ଯ୍ୟକ୍ରମର ଉଦ୍ୟାପନୀ ଉତ୍ସବ ସମ୍ପନ୍ନ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗଦେଇ ଶିକ୍ଷକମାନଙ୍କୁ ତାଲିମରୁ ଅର୍ଜିତ ଜ୍ଞାନକୁ ବିଦ୍ୟାଳୟ ସ୍ତରରେ ବ୍ୟବହାରିକ ଭାବେ ପ୍ରୟୋଗ କରି ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଦୟାନିଧି କୈବର୍ତ୍ତ ଓ ବିସିକେଶନ ଶତପଥୀ ଯୋଗଦେଇ ସମାନତା ଓ ଆନ୍ତର୍ନିବେଶୀ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ତଥା ବିଆରଟି ରାଜ କିଶୋର ବାରିକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ଶିକ୍ଷକଙ୍କ ଭୂମିକା ବିଷୟରେ ଉଦବୋଧନ ଦେଇଥିଲେ।

